## ସଂକ୍ଷେପରେ

### ପଥଚାରୀଙ୍କୁ ସର୍ବତ ବିତରଣ

ଭଣ୍ଡାରିପୋଖରୀ, ୨୭।୪ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଥଚାରୀମାନଙ୍କୁ ଥଣ୍ଡା ପାନୀୟ, ଦହି ସର୍ବତ ବିତରଣ କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଯାଜପୁର-ଭଣ୍ଡାରିପୋଖରୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଆଶ୍ରମ ନିକଟରେ ଏହି ଜଳଦାନ କେନ୍ଦ୍ର କରାଯାଇଛି। ପଣା ସଂକ୍ରାନ୍ତିଠାରୁ ଏକ ମାସ ଧରି ତୃଷାର୍ତ୍ତ ପଥଚାରୀମାନଙ୍କୁ ଆଶ୍ରମ ସଦସ୍ୟମାନେ ଦହି ସର୍ବତ ବିତରଣ କରୁଛନ୍ତି। ଆଶ୍ରମ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମାକୁମାର ଦୀପକ, ଅଶୋକ, ଦେବାଶିଷ, କିଶୋର, ଟୁକୁ, ଶାନ୍ତିମାତା, ଦୁର୍ଗା, ରାଧା ପ୍ରମୁଖ ପରିଚାଳନା କରୁଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ତିହିଡ଼ି, ୨୭।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ କୋହ୍ଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ମୂଷାଙ୍ଗ ଗ୍ରାମର ସୁରେନ୍ଦ୍ର ବଳ(୮୦)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି। ଗତ କିଛିଦିନ ଧରି ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେ ସୁସ୍ଥ ହେବା ପରେ ତାଙ୍କୁ ଘରକୁ ଅଣାଯାଇଥିଲା। ସେ ପୁଣି ଅସୁସ୍ଥ ହେବାରୁ ତାଙ୍କର ବିୟୋଗ ଘଟିଛି। ଖବରପାଇ ସରପଞ୍ଚ କୈଳାସ ପରିଡ଼ା, ସମିତିସଭ୍ୟାଙ୍କ ପ୍ରତିନିଧି ନିତ୍ୟାନନ୍ଦ ବେହେରା ପ୍ରମୁଖ ଶନିବାର ସକାଳେ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି।

### ଦେବରୂପ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି

ଭଦ୍ରକ, ୨୭।୪ (ସନାତନ ରାଉତ)

ଭଦ୍ରକ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ଯୁବନେତା ଦେବରୂପ ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ପ୍ରଦେଶ କଂଗ୍ରେସ



କମିଟି ପକ୍ଷରୁ ଶୁକ୍ରବାର ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଯୁକ୍ତି ମିଳିବା ପରେ ସେ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସର ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳୀୟ ସଙ୍ଗଠନକୁ ଜିଲାରେ ମଜଭୁତ କରିବାକୁ ପ୍ରୟାସ ଜାରି ରଖିବେ ବୋଲି ସେ ପ୍ରେସ୍ ବିବୃତିରେ କହିଛନ୍ତି। ପ୍ରକାଶଥାଉ କି, ୨୦୧୯ ନିର୍ବାଚନ ପରେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ଗତ ୧୮ ତାରିଖରେ ପିସିସି ପକ୍ଷରୁ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା।

### ମାମୁ ଘରୁ ନିଖୋଜ ଛାତ୍ରୀ ରାଇରଙ୍ଗପୁରରୁ ଉଦ୍ଧାର

ପାଟଣା, ୨୭।୪ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ତୁରୁମୁଙ୍ଗା ଗ୍ରାମରେ ମାମୁ ଘରେ ରହି ପଢୁଥିବା ଜଣେ ନାବାଳିକା ଛାତ୍ରୀ ଗତ ୨୨ ତାରିଖରୁ ନିଖୋଜ ହୋଇଥିଲେ। ଏ ନେଇ ନାବାଳିକାଙ୍କ ମାମୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ରାତିରେ ଏକ ମୋବାଇଲ ନମ୍ବରକୁ ଟ୍ରାକ କରି ନାବାଳିକାଙ୍କୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା ନିଉଡି ଗ୍ରାମରୁ ଉଦ୍ଧାର କରିବା ପରେ କେନ୍ଦୁଝର ଟାଉନ ଥାନା ଓ କେନ୍ଦୁଝର କୋର୍ଟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧୬୫ /୨୪) ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ନାବାଳିକାଙ୍କୁ ତାଙ୍କ ବାପାଙ୍କ ନିକଟରେ ଛାଡ଼ି ଦିଆଯିବ ବୋଲି ତୁରୁମୁଙ୍ଗା ଥାନା ଏଏସ୍‌ଆଇ ବୀରେନ୍ଦ୍ର ବେହେରା କହିଛନ୍ତି।

### ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

ଚାନ୍ଦୁଆ, ୨୭।୪ (ମହେଶ୍ୱର ଦାସ)

ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଚାନ୍ଦୁଆ ପୋଲିସ ପକ୍ଷରୁ ସୀମାନ୍ତରେ ଯାଞ୍ଚକୁ ଜୋରଦାର କରାଯାଇଛି। ଚାନ୍ଦୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରିଣୀ ଦେବକୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଝାଡ଼ଖଣ୍ଡ ଓ ଚାନ୍ଦୁଆ ସୀମାନ୍ତ ଜୟନ୍ତୀ ବ୍ରିଜ୍ ନିକଟରେ ଯାଞ୍ଚ କରାଯିବା ସହ ଝାଡ଼ଖଣ୍ଡ ଅଞ୍ଚଳରୁ ପ୍ରବେଶ କରୁଥିବା ୪ ଚକିଆ, ୩ ଚକିଆ ଓ ୨ ଚକିଆ ଯାନକୁ ଚିକିନିଖି ତନଖି କରାଯାଉଛି। ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଲାଗି ତନଖି କରାଯାଉଥିବା ବେଳେ ୨ ଚକିଆ ଓ ୪ ଚକିଆ ଯାନର କାଗଜପତ୍ର, ହେଲ୍‌ମେଟ୍ ଆଦି ଚେକ୍ କରାଯାଉଛି।

# କାଦବରାଙ୍ଗରେ ରାଜନୈତିକ ହିଂସା

- ଦୋକାନୀଙ୍କୁ ଆକ୍ରମଣ, ଭଙ୍ଗାରୁଜା
- ଦୋକାନ ପୋଡ଼ିଦେଲେ, ଥାନାରେ ୩ ମାମଲା

ଆଗରପଡ଼ା, ୨୭।୪ (ସୁଶାନ୍ତ ଦାଶ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଶୁକ୍ରବାର ରାତିରେ ଆଗରପଡ଼ା ଥାନା ଅଧୀନ କାଦବରାଙ୍ଗ ବଜାରରେ ରାଜନୈତିକ ହିଂସା ଘଟିଛି। ଏହି ବିବାଦରୁ ଦୋକାନ ପୋଡ଼ିବା ସହ ମାରପିଟ୍ ହୋଇଛି। ଏହାକୁ ନେଇ ଅଭିଯୋଗକ୍ରମେ ଆଗରପଡ଼ା ଥାନାରେ ୩ଟି ମାମଲା ରୁଜୁ କରାଯାଇଛି। କାଦବରାଙ୍ଗ ବଜାରରେ ତେଜରାତି ଦୋକାନ କରିଥିବା ବଳରାମ ଆରଣ ଶୁକ୍ରବାର ଦୋକାନରେ ଥିବା ବେଳେ କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ତାଙ୍କୁ ଧକ୍କା ମାରିବା ସହ ପିନ୍ଧିଥିବା ସୁନା ଚେନ୍, ମୁଦି ଓ ଦୋକାନରୁ ଟଙ୍କା ନେଇଯାଇଥିବା ବଳରାମଙ୍କ ଭାଇ ଉମାକାନ୍ତ ଏତଲାରେ ଦର୍ଶାଇଛନ୍ତି। ଏନେଇ ଥାନାରେ ମାମଲା (ନଂ.୯୪/୨୪) ରୁଜୁ ହୋଇଛି।



କାଦବରାଙ୍ଗ ବଜାରରେ ଜଳୁଥିବା ଦୋକାନ।

ସେହିପରି କାଦବରାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ ଶୁକ୍ରବାର ଭଦ୍ରକରୁ ଫେରୁଥିବା ବେଳେ କାଦବରାଙ୍ଗ ବଜାରରେ ଆକ୍ରମଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ କନକଲତା ସେଠୀଙ୍କ ଅଭିଯୋଗକ୍ରମେ ଥାନାରେ ଅନ୍ୟ ଏକ ମାମଲା (ନଂ.୯୫/୨୪) ରୁଜୁ ହୋଇଛି। ଅପରପକ୍ଷେ ଉକ୍ତ ବଜାରରେ ସୁରେଶ ଗିରି ତାଙ୍କ ଦୋକାନରେ ବସିଥିବା ବେଳେ କେତେଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନ ବନ୍ଦ କରି ପଳାଇ ଯିବାକୁ ଧମକ ଦେଇଥିଲେ। ସେ ଦୋକାନ ବନ୍ଦ କରି ଯିବା ପରେ ସେମାନେ ତାଙ୍କ ଦୋକାନର ଟେବୁଲ, ଖଟ ଓ ଛପର ଭଙ୍ଗାରୁଜା କରିବା ସହ ଆଗରେ ଥିବା ଲୁଣ ବସ୍ତା ଫିଙ୍ଗି ଦେଇଥିଲେ। ପରେ ବଜାରର ଏକ ଚାଉମିନ ଦୋକାନକୁ ପୋଡ଼ି ଦେଇଛନ୍ତି। ସୁରେଶଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୯୮/୨୪) ରୁଜୁ କରିଛି। ପୋଲିସ ଏସବୁ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶଥାଉ କି, ପୂର୍ବରୁ ଏଠାରେ ବାରମ୍ବାର ଏଭଳି ହିଂସାକାଣ୍ଡ ଘଟିଛି।

# ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ୨ ନେତା

ଧାମନଗର, ୨୭।୪ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିର ୨ ବରିଷ୍ଠ ନେତାଙ୍କୁ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶନିବାର ଦଳରୁ ନିଲମ୍ବନ କରିଛନ୍ତି। ଧାମନଗର ବ୍ଲକ ବିଜେଡିର ପୂର୍ବତନ ସଭାପତି ରଘୁନାଥ ଲେଙ୍କା ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଭଦ୍ରକ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହରେକୃଷ୍ଣ ପାଢ଼ୀଙ୍କୁ ନିଲମ୍ବନ କରାଯାଇଛି।

କିଛିଦିନ ତଳେ ଏହି ବ୍ଲକର ଶହୀଦନଗରଠାରେ ଦଳର କେତେଜଣ ଛାମୁଆ ନେତା ଚିନ୍ତନ ବୈଠକ ନାମରେ ଏକାଠି ହୋଇ ଏକ ସାଧାରଣ ସଭା କରିଥିଲେ। ରଘୁନାଥ ଓ ହରେକୃଷ୍ଣଙ୍କ ନେତୃତ୍ୱରେ ସେଠାରେ ସଭା ହୋଇଥିଲା। ଧାମନଗର ବିଜେଡିର ମଙ୍ଗୁଆଳ କୁହାଯାଉଥିବା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ବିରୋଧରେ ଅସନ୍ତୁଷ୍ଟ ନେତାମାନେ ସଭାରେ ବର୍ଷିଥିଲେ। ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଙ୍ଗଠନିକ ସମ୍ପାଦକ ଦାସ ଦୁଇଜଣଙ୍କୁ ନିଲମ୍ବନ କରିଛନ୍ତି।

# କବୟିତ୍ରୀ ଶାନ୍ତିଲତା ନାଗଙ୍କୁ ଶ୍ରଦ୍ଧାଞ୍ଜଳି



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଦ୍ରକ, ୨୭।୪ (ସନାତନ ରାଉତ/ରବିନାରାୟଣ ଖିଲାର)

ଦିବଂଗତ କବୟିତ୍ରୀ ଶାନ୍ତିଲତା ନାଗଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ବିପ୍ଳବୀ ଚକ୍ରଧର ସ୍ମୃତି ସଂସଦ ଓ ଉତ୍କଳଜ୍ୟୋତି ଗୟାଧର ବାରିକ ସ୍ମୃତି ସଂସଦ ଦ୍ୱାରା ବଙ୍କସାହିସ୍ଥିତ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ପ୍ରଫେସର ଡ. ବାସୁଦେବ ବାରିକ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବ୍ରଜମୋହନ ମିଶ୍ର ଯୋଗଦେଇ ଶାନ୍ତିଲତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ କହିଥିଲେ। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା, ଗୟାଧର ପଣ୍ଡା, ସାହିତ୍ୟିକ ଅଭୟ ସୂତାର, ଆଇନଜୀବୀ ଅତିଶ ବେହେରା, ଗିରିଧାରୀ ନାଥ, ରୋଟାରିଆନ ନାସିର ବକ୍ସ, ବିଚିତ୍ରାନନ୍ଦ ଦାସ, ଜିଲା କ୍ରିକେଟ ସଂଘର ସଭାପତି ଉପେନ୍ଦ୍ର କୁମାର ବାରିକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ସନାତନ ଦାସ, ରାଜଲକ୍ଷ୍ମୀ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜେନ୍ଦ୍ର କୁମାର ବାରିକ, ସିଦ୍ଧାର୍ଥ ବାରିକ, ପ୍ରଭାକର ପରିଡ଼ା, ବିଜୟଲକ୍ଷ୍ମୀ ଦାସ, ଭାଗ୍ୟଲକ୍ଷ୍ମୀ ପଲାଇ, ଶୁଭଲକ୍ଷ୍ମୀ ବାରିକ ଓ ରଞ୍ଜୁଲତା ବାରିକ ସଭା ପରିଚାଳନାରେ ସହଯୋଗ କରିଥିଲେ।

## କଲେଜ ଛାତ୍ରୀ ଅପହରଣ ଘଟଣା

# ଥାନା ଆଗରେ ପ୍ରତିବାଦ



ଚାନ୍ଦବାଲି ଥାନା ଆଗରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

### ଅପହରଣକାରୀଙ୍କୁ ଗିରଫ ଦାବି

ଚାନ୍ଦବାଲି, ୨୭।୪ (କିଷାନ ପାତ୍ର)

ଚାନ୍ଦବାଲି ଥାନା ଅଧୀନ ଉଦୁକୁଡ଼ା ପଞ୍ଚାୟତର ସିଙ୍ଗିଟି ରାସ୍ତାରେ ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ ନେଇ ତାଙ୍କ ବାପା ଗତ ରବିବାର ଥାନାରେ ଅଭିଯୋଗ କରିଥିଲେ। ଏହାମଧ୍ୟରେ ଘଟଣାକୁ ୭ଦିନ ବିତି ଯାଇଥିବା ବେଳେ ଅପହରଣକାରୀଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଅପହୃତା ଛାତ୍ରୀଙ୍କ ପରିବାର ଲୋକଙ୍କ ସମେତ ସିଙ୍ଗିଟିର ଶତାଧିକ ମହିଳା ଓ ପୁରୁଷ ଶନିବାର ଚାନ୍ଦବାଲି ଥାନା ଆଗରେ ପ୍ରତିବାଦ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ରବିବାର ଛାତ୍ରୀ ଜଣକ ଟିଉଶନରୁ ଫେରୁଥିବା ବେଳେ ଯାଜପୁର ଜିଲା ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅଧୀନ ତାଲୁଗାଁର ଜଣେ ମହିଳା ଓ ତାଙ୍କ ସହଯୋଗୀମାନେ ଏକ କାର୍ ଯୋଗେ ତାଙ୍କୁ ରାସ୍ତାରୁ ଅପହରଣ କରି ନେଇଛନ୍ତି। ଏନେଇ ଛାତ୍ରୀଙ୍କ ବାପା ଚାନ୍ଦବାଲି ଥାନାରେ ଏତଲା ଦେଇଛନ୍ତି। ହେଲେ ପୋଲିସ ଅପହରଣକାରୀଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଆଣି ଅପହୃତା ଛାତ୍ରୀଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଛାତ୍ରୀଙ୍କୁ ଉଦ୍ଧାର ସହ ଅପହରଣକାରୀଙ୍କୁ ଗିରଫ କରାଯିବାକୁ ସେମାନେ ଦାବି ଜଣାଇଛନ୍ତି। ଦୀର୍ଘ ସମୟ ପରେ ପୋଲିସ ସେମାନଙ୍କୁ ବୁଝାଶୁଝା କରିବାରୁ ସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଚାନ୍ଦବାଲି ଥାନା ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି, ଅଭିଯୋଗକ୍ରମେ ପାଣିକୋଇଲି ପୋଲିସ ସହ ଯୋଗାଯୋଗ କରି ୩ଥର କର୍ମଚାରୀମାନଙ୍କୁ ସେଠାକୁ ପଠାଯାଇଛି। କିନ୍ତୁ ସେଠାରେ ଉକ୍ତ ଛାତ୍ରୀଙ୍କ ସନ୍ଧାନ ମିଳିପାରି ନାହିଁ। ତେବେ ଅନୁସନ୍ଧାନ ଚାଲିଛି, ଖୁବ୍‌ଶୀଘ୍ର ଅପହୃତାଙ୍କୁ ଉଦ୍ଧାର ସହ ଅପହରଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମାବେଶ, ମିଶ୍ରଣ ପର୍ବ

ଧାମନଗର, ୨୭।୪ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ଗୋବିନ୍ଦପୁର ଗ୍ରାମରେ କଂଗ୍ରେସର ବରିଷ୍ଠ ସଙ୍ଗଠକ ବିଷ୍ଣୁ ଚରଣ ଜେନାଙ୍କ ବାସଭବନ ପରିସରରେ ଜୋନ୍‌ସ୍ତରୀୟ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ନିର୍ବାଚନରେ ଦଳୀୟ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଏବଂ ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରାଙ୍କୁ ବହୁ ମାତ୍ରାରେ ଭୋଟ୍ ଦେଇ ଜିତାଇବାକୁ ଆହ୍ୱାନ ଦିଆଯାଇଛି। ଦେଶ ଓ ରାଜ୍ୟରେ କଂଗ୍ରେସ ଶାସନ ପ୍ରତିଷ୍ଠା ପାଇଁ ସମସ୍ତ କର୍ମୀ ଦୃଢ଼ ସଂକଳ୍ପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ପିସିସି ସଦସ୍ୟ ନାରାୟଣ ଚନ୍ଦ୍ର ପାଢ଼ୀ, ବିଧାୟକ ପ୍ରାର୍ଥୀ ରଞ୍ଜନ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନରେନ୍ଦ୍ର କୁମାର ମଲ୍ଲିକ, ଯୁବ ସଭାପତି ଆଲୋକ କୁମାର ସ୍ୱାଇଁ ଓ ପଞ୍ଚାୟତ କଂଗ୍ରେସ କମିଟିର ସଭାପତି ରଘୁନାଥ ଦାସ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ଓ ଭାଜପା କର୍ମୀ ଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ଦଳ ତରଫରୁ ନୂତନ କର୍ମୀମାନଙ୍କୁ ସ୍ୱାଗତ କରାଯାଇଥିଲା।

# ସାଧାରଣ ନିର୍ବାଚନ: ମେ' ୭ରୁ ହେବ ପ୍ରାର୍ଥୀପତ୍ର ଦାଖଲ

ଭଦ୍ରକ, ୨୭।୪ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାରେ ଜୁନ୍ ୧ରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ମେ' ୭ରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମେ' ୧୪ରେ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ। ସମସ୍ତ ସରକାରୀ ଛୁଟି ଦିବସ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଗ୍ରହଣ କରାଯିବ। ୧୫ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଓ ୧୭ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରଖାଯାଇଛି। ଜୁନ୍ ୪ରେ ଭୋଟ ଗଣତି ଓ ୬ ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି।

ନାମାଙ୍କନ ଦାଖଲ ବେଳେ ଫର୍ମ-୨୬ରେ ସତ୍ୟପାଠ ଦାଖଲ କରାଯିବ। ପ୍ରାର୍ଥୀ ଭିନ୍ନ ନିର୍ବାଚନମଣ୍ଡଳୀର ଭୋଟର ହୋଇଥିଲେ ଭୋଟର ତାଲିକାର ପ୍ରମାଣୀକୃତ ପ୍ରାର୍ଥୀପତ୍ର ସହ ଦାଖଲ କରିବାକୁ ହେବ। ପ୍ରାର୍ଥୀ ଅନୁସୂଚିତ ଜାତି ଏବଂ ଜନଜାତିର ହୋଇଥିଲେ ଜାତିଗତ ପ୍ରମାଣପତ୍ର ମଧ୍ୟ ଦେବାକୁ ପଡ଼ିବ। ରାଜନୈତିକ ଦଳର ପ୍ରାର୍ଥୀମାନେ ନାମାଙ୍କନ ଭରିବା ବେଳେ ଲୋକ ସଭା ଆସନ ପାଇଁ ଫର୍ମ ୨ (ଏ) ଏବଂ ବିଧାନସଭା ଆସନ ପାଇଁ ଫର୍ମ ୨ (ବି)ରେ ଆବେଦନ କରିପାରିବେ। ନାମାଙ୍କନ ପତ୍ର ଦାଖଲ କରିବାର ଗୋଟିଏ ଦିନ ପୂର୍ବରୁ ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆବଶ୍ୟକ ବୋଲି କୁହାଯାଇଛି।

# ବିଶ୍ରାମାଗାର ନାହିଁ, ଯାତ୍ରୀ ହନ୍ତସନ୍ତ

ତିହିଡ଼ି, ୨୭।୪ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବଜାରରେ ଯାତ୍ରୀ ବିଶ୍ରାମାଗାର ନାହିଁ। ଫଳରେ ବିଭିନ୍ନ ସ୍ଥାନକୁ ବସ୍ କିମ୍ବା ଅନ୍ୟ ଯାନରେ ଯିବା ପାଇଁ ଯାତ୍ରୀମାନେ ଅପେକ୍ଷା କରିବାକୁ ଜାଗା ପାଉନାହାନ୍ତି। ଅସହ୍ୟ ଖରାରେ ସେମାନେ ହନ୍ତସନ୍ତ ହେଉଛନ୍ତି। ବଜାରରେ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଏକ ବିଶ୍ରାମାଗାର ନିର୍ମିତ ହୋଇଥିଲା। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ନିର୍ମାଣ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା। ଏହାମଧ୍ୟରେ ବିଶ୍ରାମାଗାର ଭଙ୍ଗାଯିବାକୁ ୧୫ବର୍ଷ ବିତି ଯାଇଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ସହସ୍ରାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ତିହିଡ଼ି ବଜାରକୁ ଆସିଥାନ୍ତି। ବିଶେଷ କରି ବଜାରଠାରୁ ଅଳ୍ପ କିଛି ଦୂରରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଥିବାବେଳେ ବଜାରର ମଧ୍ୟସ୍ଥଳରେ ଡାକ୍ତରଖାନା ଓ ଆରମ୍ଭରେ ଥାନା ରହିଛି। ଏହାବ୍ୟତୀତ ସପ୍ତାହର ସୋମବାର ଓ ଶୁକ୍ରବାର ତିହିଡ଼ିରେ ହାଟ ବସିଥାଏ। ତିହିଡ଼ି ସମେତ ଜିଲାର ବିଭିନ୍ନ ବ୍ଲକର ବ୍ୟବସାୟୀ ଏହି ହାଟରେ ବିକ୍ରିବଟା କରୁଥିବା ବେଳେ ଗ୍ରାହକଙ୍କ ଭିଡ଼ ଜମେ। ଦୁଇଦିନରେ ବଜାରରେ ବହୁ ଗହଳି ହୋଇଥାଏ। କାମ ସାରି ଫେରିବା ବେଳକୁ ଅପେକ୍ଷା କରିବାକୁ ଜାଗାଟିଏ ନ ଥିବାରୁ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗତ କିଛିଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମତାପ ଅନୁଭୂତ ହେଉଥିବାରୁ ଲୋକେ ଆଶ୍ରା ନ ପାଇ ଡହଳ ବିକଳ ହେଉଛନ୍ତି। ପୂର୍ବରୁ ଥିବା ବିଶ୍ରାମାଗାର ଯୋଗୁ ବର୍ଷାଦିନେ ଲୋକେ ଉପକୃତ ହେଉଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଭାଙ୍ଗି ଦିଆଯିବା ପରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଠାରେ ଏକ ବିଶ୍ରାମାଗାର ପାଇଁ ବହୁଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆ ନ ଯିବା ପରିତାପର ବିଷୟ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ବିଶ୍ରାମାଗାର ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

# ଖିରେଇଟାଙ୍ଗିରୀ ସେକ୍ସନ ଜଙ୍ଗଲରେ ନିଆଁ



ପାଟଣା, ୨୭।୪ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜର ବିଭିନ୍ନ ଜଙ୍ଗଲ ଏବେ ନିଆଁର ଆଁ ଭିତରେ ରହିଛି। ତାପମାତ୍ରା ବୃଦ୍ଧି ପାଇବା ସହ ହୁହୁ ହୋଇ ଜଳୁଛି ଗ୍ରାମ୍ୟ ଜଙ୍ଗଲ। ପାଟଣା ରେଞ୍ଜ୍ ଖିରେଇଟାଙ୍ଗିରୀ ସେକ୍ସନର ରାଜନଗର ଗ୍ରାମର ଦେଓଗାଁ ଗ୍ରାମ୍ୟ ଜଙ୍ଗଲ ପୁଟୁଳିଆ ପଟାସ ଜଙ୍ଗଲ ସାଙ୍ଗକୁ ବାଉଁଶୁଳି, ଅଙ୍କୁରା, ଟାଙ୍ଗରପଡ଼ା, ହାତିବାରୀ, ଚେମେଣା ଆଦି ଜଙ୍ଗଲରେ ନିଆଁ ଲାଗି ବହୁ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଶନିବାର ଅପରାହ୍ନରେ ଯମୁନାପଶି ବିଟ୍ କଣ୍ଟିଆପଡ଼ା ଗ୍ରାମ୍ୟ ଜଙ୍ଗଲ ସହ କେନ୍ଦେଇପଶି ବିଟ୍ ଖଜିରାପଶି ଗ୍ରାମ୍ୟ ପଟାସ ଜଙ୍ଗଲରେ ନିଆଁ ଲାଗିଥିଲା। ବନାଗ୍ନି ରୋକିବା ପାଇଁ ବନ ବିଭାଗ ପକ୍ଷରୁ ମହିଳାମାନଙ୍କୁ ନେଇ ସଚେତନତା କରାଯିବା ସହ ଜଙ୍ଗଲ ନିଆଁ ରୋକିବାକୁ ଫାୟାର ଲାଇନ କରାଯାଉଛି। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନଙ୍କ ଉପରେ ନଜର ରଖାଯିବା ସହ ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଡିଏଫ୍‌ଓ ଏଚ୍.ଡି ଧନରାଜ କହିଛନ୍ତି।

# ପାଇପ୍ ବିଛାରେ ସୀମିତ ଜଳ ପ୍ରକଳ୍ପ କାର୍ଯ୍ୟ

ଭଣ୍ଡାରିପୋଖରୀ, ୨୭।୪ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ପାନୀୟ ଜଳ ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏପରିସ୍ଥଳେ ଜିଲା ପାନୀୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ଧର୍ମକୁ ଆଖିଠାର ଭଳି ହୋଇଛି। ବ୍ଲକ ଅଞ୍ଚଳକୁ ପାଇପ୍ ଜଳ ଯୋଗାଣ ପାଇଁ ଆଖୁଆପଦାଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ନାମକୁ ମାତ୍ର ବୈତରଣୀ ନଦୀର ଜଳ ପାଇପ୍ ଯୋଗେ ଆସୁଥିଲେ ସୁଦ୍ଧା ତାହା ବିଲ ବାଡ଼ିକୁ ମାଡ଼ିବା ସାର ହୋଇଛି ବୋଲି କୁହାଯାଉଛି। ଏପଟେ ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଉଚ୍ଚକ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ହେଁ ସେଥିରୁ ମଧ୍ୟ ଲୋକେ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। କେବଳ ନଳକୂପ ହିଁ କିଛି ମାତ୍ରାରେ ଜଳ ସମସ୍ୟାକୁ ଦୂର କରୁଛି। ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ସତ୍ତ୍ୱେ



କୁରିଗାଁ ପଞ୍ଚାୟତରେ ପାଇପ୍ ବିଛାଇବା ପାଇଁ ଖୋଳାଯାଇଛି।

କାର୍ଯ୍ୟକାରୀ ହୋଇପାରି ନାହିଁ। ପାଇପ୍ ବିଛାରେ ପାଣି ପ୍ରକଳ୍ପ କାର୍ଯ୍ୟ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି।

ଏବେ କେତେକ ସ୍ଥାନରେ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ ଜଳ ଯୋଗାଣ ସକାଶେ ପାଇପ୍‌ବିଛା ହେଉଛି। ଠିକ୍‌ଯାନ୍ତ୍ରିକ ଜ୍ଞାନ କୌଶଳରେ ପାଇପ୍ ପଡୁ ନ ଥିବା ବେଳେ ଏଥିପାଇଁ ଗ୍ରାମ୍ୟ ପକ୍କାରାସ୍ତାଗୁଡ଼ିକ ଦୁର୍ବଳ ହୋଇଯାଉଛି। ଗ୍ରୀଷ୍ମ ସମୟରେ ଜଳ ଯୋଗାଣ ନିମନ୍ତେ ନିର୍ମାଣ କାର୍ଯ୍ୟ ଘରପୋଡ଼ି ବେଳେ କୂପ ଖୋଳିବା ସହ ସମାନ ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ମତପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଭାଗୀରଥି ଦାସ କହିଛନ୍ତି, ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ୍ ବିଛାଇବାକୁ ଖୋଳା ଯାଇଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଶ୍ରମିକମାନେ କାମ କରିପାରୁ ନାହାନ୍ତି। ଏଥିଯୋଗୁ ବିଳମ୍ବ ହେଉଛି। ତେବେ ଆଗାମୀ ସପ୍ତାହେ କିମ୍ବା ଦୁଇ ସପ୍ତାହ ମଧ୍ୟରେ କାମ ସାରିବା ଦିଗରେ ପଦକ୍ଷେପ ନିଆଯିବ।

## ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

ଚମ୍ପୁଆ,(ମହେଶ୍ୱର ଦାସ): ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଚମ୍ପୁଆ ପୋଲିସ ପକ୍ଷରୁ ସୀମାନ୍ତରେ ଯାଞ୍ଚକୁ ଜୋରଦାର କରାଯାଇଛି। ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରିଣୀ ଦେବକୀ ନାୟକଙ୍କ ତତ୍ତ୍ୱାବଧାନରେ ଝାଡ଼ଖଣ୍ଡ ଓ ଚମ୍ପୁଆ ସୀମାନ୍ତ ଜୟନ୍ତୀ ବ୍ରିଜ୍ ନିକଟରେ ଯାଞ୍ଚ କରିବା ସହ ଝାଡ଼ଖଣ୍ଡ ଅଞ୍ଚଳରୁ ପ୍ରବେଶ କରୁଥିବା ୪ ଚକିଆ, ୩ ଚକିଆ ଓ ୨ ଚକିଆ ଯାନକୁ ଟିକିନିଖି ତନଖି କରାଯାଉଛି। ୨ ଚକିଆ ଯାନ ଓ ୪ ଚକିଆ ଯାନର କାଗଜପତ୍ର, ହେଲମେଟ୍ ଆଦି ଚେକ ମଧ କରାଯାଉଛି।

### ସଂକ୍ଷେପରେ

## ବଳାତ୍କାର ଉଦ୍ୟମକାରୀଙ୍କୁ ୫ବର୍ଷ ଜେଲ

କେନ୍ଦୁଝର,୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ଜିଲା ଫାଷ୍ଟଟ୍ରାକ୍ କୋର୍ଟରେ ଶନିବାର ଏକ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ ମିଶ୍ର ଦୈତାରୀ ଥାନା ଅନ୍ତର୍ଗତ ଚମ୍ପାନଗର ଗ୍ରାମର ସୁରେଇ ନାଗ(୫୩)ଙ୍କୁ ଦୋଷୀ ସାବ୍ୟସ୍ତକରି ୫ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୩ ମାସ କାରାଦଣ୍ଡ ଶୁଣାଇଛନ୍ତି। ଏହା ସହ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଆଇନ ସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୨୦୧୮ରେ ସ୍କୁଲ ଛୁଟି ଥିବାରୁ ପୀଡ଼ିତା ଗାଧୋଇବାକୁ ଗାଁ ନିକଟ ପୋଖରୀକୁ ଯାଇଥିଲେ। ସୁରେଇ ଗାଈ ଚରାଉଥିବା ବେଳେ ନାବାଳିକାଙ୍କୁ ଏକୁଟିଆ ଦେଖି ଜଙ୍ଗଲକୁ ଟେକିନେଇଥିଲେ। ବଳାତ୍କାର ଉଦ୍ୟମ କରୁଥିବା ବେଳେ ନାବାଳିକା କାନ୍ଦିବାରୁ ଛାଡ଼ି ଦେଇଥିଲେ। ତେବେ ଏକଥା କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକା ଘରକୁ ଆସି ମାଉସୀ, ମା'ଙ୍କୁ ଘଟଣା ସମ୍ପର୍କରେ କହିବା ପରେ ବାପା ଦୈତାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉକ୍ତ ରାୟ ପ୍ରକାଶ କରିଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

## ମହିମା ଅଲେଖ ବ୍ରହ୍ମ ମେଳା ଅନୁଷ୍ଠିତ

ରାମଚନ୍ଦ୍ରପୁର,୨୭।୪(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ ସରେଇଁ ମହିମା ଆଶ୍ରମ ପରିସରରେ ମହିମା ଅଲେଖ ବ୍ରହ୍ମ ମେଳା ଅନୁଷ୍ଠିତ ହୋଇଯାଇଛି। ମହିମାଗାଦିର ବ୍ରହ୍ମାବଧୁତ ବାଞ୍ଛାନିଧି ବାବାଙ୍କ ପୌରହିତ୍ୟରେ ତାରକେଶ୍ୱର ବାବା, ଗୋକୁଳାନନ୍ଦ ବାବା, ବାବା ସନ୍ତୋଷ ଦାଶ, ଉତ୍ତମ ଦାଶ, କ୍ଷମାକର ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ଅଖଣ୍ଡ ବତୀ ପ୍ରଜ୍ୱଳନ, ବ୍ରହ୍ମଧ୍ୱନୀ ସ୍ଥାପନ ପରେ ମହିମା ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ସରପଞ୍ଚ ବଳରାମ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଶୁକ୍ରବାର ସକାଳେ ବାଳକଲୀଳା ଅନୁଷ୍ଠିତ ହୋଇଥିଲା। ମହିମାଭକ୍ତ ଭରତ ଚନ୍ଦ୍ର ସାହୁ, ଅଭିମନ୍ୟୁ ସାହୁ, ମହେଶ୍ୱର ସାହୁ, ସୂର୍ଯ୍ୟମଣୀ ସାହୁ, ବାଞ୍ଛାନିଧି ସାହୁ, ରଘୁନାଥ ନାହାକ, ସରେଇଁ ଗ୍ରାମର ନିତ୍ୟାନନ୍ଦ ସାହୁ, କାର୍ତ୍ତିକେଶ୍ୱର ନାୟକ, କାଳନ୍ଦୀ ସାହୁ, ଜଗବନ୍ଧୁ ସାହୁ, ନୀଳକଣ୍ଠ ଦେହୁରୀ, ବାଇଧର ମହାରଣା, ମହେଶ୍ୱର ସାହୁ, ଶ୍ରୀଧର ସାହୁ, ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବନ କର୍ମଚାରୀଙ୍କୁ ଆକ୍ରମଣ, ଶିକାର ଘଟଣା: ୬ ଗିରଫ

■ଅଖଣ୍ଡ ଶିକାର ପାଇଁ ଜଙ୍ଗଲରେ ନିଆଁ ଲଗାଉଛନ୍ତି

■ଧନୁତୀର ସହ ଶିକାରରେ ବ୍ୟବହୃତ ସାମଗ୍ରୀ ଜବତ

କେନ୍ଦୁଝର,୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟାକୋଟ ବିଟ୍‌ର ଫରେଷ୍ଟର ଏବଂ ସ୍କ୍ୱାଡ୍ କର୍ମଚାରୀଙ୍କୁ ଆକ୍ରମଣ ଓ ଶିକାର ଘଟଣାରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୁହାକଳା ଗ୍ରାମର ଧନେଶ୍ୱର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଦେବାନନ୍ଦ ଦେହୁରୀ। ଏ ନେଇ ବନ ବିଭାଗ ଓ ପୋଲିସ ପୃଥକ୍ ମାମଲା ରୁଜୁ କରିଛି। ବର୍ତ୍ତମାନ ପାରମ୍ପରିକ ଅଖଣ୍ଡ ଶିକାର ମାସ ପାଇଁ ବନବାସୀ ଜଙ୍ଗଲକୁ ଯାଇ ଶିକାର କରୁଛନ୍ତି। ଜଙ୍ଗଲରେ ନିଆଁ ଲଗାଇ ବନ୍ୟପ୍ରାଣୀ ଶିକାର କରୁଥିବାବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉକରି ଏଭଳି ପଦକ୍ଷେପ ନିଆଯାଇଛି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ଖଣ୍ଡାଧାର ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଏସିଏଫ୍ ଜିତେନ୍ଦ୍ର ବେହେରା ବନ କର୍ମଚାରୀଙ୍କୁ ପଠାଇଥିଲେ। ନୟାକୋଟ ବିଟ୍ ଫରେଷ୍ଟର ରାଜେନ୍ଦ୍ର ଜେନା ୪ ଜଣ ସ୍କ୍ୱାଡ୍ କର୍ମଚାରୀଙ୍କୁ ନେଇ ଜଙ୍ଗଲକୁ ଯାଇଥିଲେ। ସେଠାରେ କେତେଜଣ ଲୋକ ଏକ କୁଟୁରା ମାରିଥିବା ଦେଖିଥିଲେ। ବନ କର୍ମଚାରୀଙ୍କୁ ଦେଖି କେତେଜଣ ଲୋକ ଗାଁକୁ ଦୌଡ଼ି ପଳାଇଥିଲେ। ମୃତ କୁଟୁରା ଜବତ କରି ୨ ଜଣଙ୍କୁ କାବୁକରି ଆଣିବାବେଳେ ଲୁହାକଳା ଗାଁର ଲୋକେ ପହଞ୍ଚି ଫରେଷ୍ଟର ଏବଂ ଅନ୍ୟ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଫରେଷ୍ଟର ଜେନାଙ୍କ ମୁଣ୍ଡ ଫାଟିଥିବା ଜଣାପଡିଛି। ଏଥିସହ ବନ ବିଭାଗ ବୋଲେରୋର କାଚ ଭାଙ୍ଗି ୨ ଅଭିଯୁକ୍ତଙ୍କୁ ନେଇ ପଳାଇଥିଲେ। ଶୁକ୍ରବାର ବନ ବିଭାଗ ଏସିଏଫ୍‌ଙ୍କ ନେତୃତ୍ୱରେ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆଙ୍କ ସମେତ ବନ କର୍ମଚାରୀ ଚଢ଼ାଉ କରି ୩ ଜଣଙ୍କୁ ଉଠାଇ ଆଣିଥିଲେ। ପଚରାଉଚୁରା ପରେ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଧନୁ, ତୀର, ଫାଶ ଆଦି ଶିକାର ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୭ ଜଣଙ୍କୁ ବନ ବିଭାଗ ଖୋଜୁଥିବା ଜୁଆଙ୍ଗପୀଢ ରେଞ୍ଜର ସୂଚନା ଦେଇଛନ୍ତି। ବନ ବିଭାଗ ପକ୍ଷରୁ ୪ ବିଜେ ଅଫ୍ ୨୦୨୪-୨୪ ମାମଲା ରୁଜୁ ହୋଇଛି। ନୟାକୋଟ ବିଟ୍ ଫରେଷ୍ଟର ରାଜେନ୍ଦ୍ର ଜେନାଙ୍କ ଏତଲା ଆଧାରରେ ନୟାକୋଟ ପୋଲିସ ଏକ ମାମଲା(ନଂ. ୧୪୧/୨୦୨୪) ରୁଜୁକରି ତଦନ୍ତ କରୁଛି। ସେହିପରି ତେଲକୋଇ ରେଞ୍ଜରେ ଗୁରୁବାର ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୩ ଜଣଙ୍କୁ ଗିରଫକରି ବନ ବିଭାଗ କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଧନୁ, ତୀର ଆଦି ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ନୂଆ ଗାଁର ମୋଉଲା ସିର୍କା, ଲବ କଳା ଓ ବଟକୃଷ୍ଣ ପିଙ୍ଗୁଆ ବୋଲି ଜଣାପଡ଼ିଛି। ବୁଧବାର ବିଳମ୍ବିତ ରାତିରେ କଳାପାଟ ସଂରକ୍ଷିତ ଜଙ୍ଗଲରେ ଶିକାର କରିବାକୁ ଯାଇଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ହାତରେ ଧରା ପଡ଼ିଥିଲେ। ସୂଚନାଯୋଗ୍ୟ, ଅଖଣ୍ଡ ଶିକାର ମାସ ଚାଲିଥିବା ବେଳେ ଏହାଦ୍ୱାରା ବହୁ ବନ୍ୟପ୍ରାଣୀଙ୍କୁ ଶିକାର କରାଯାଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପରେ ବନ ବିଭାଗ ତତ୍ପରତା ପ୍ରଦର୍ଶନ କରିଛି।

## ସେଲ୍ଫି ପଏଣ୍ଟରେ ଭୋଟର ସଚେତନତା




ସେଲ୍ଫି ପଏଣ୍ଟରେ ଜନସାଧାରଣ ଫଟୋ ଉଠାଉଛନ୍ତି।

କେନ୍ଦୁଝର,୨୭।୪(ଦୀପକ ମିଶ୍ର)

ମଇ ୨୫ ତାରିଖରେ କେନ୍ଦୁଝର ଜିଲାରେ ସାଧାରଣ ନିର୍ବାଚନ ୨୦୨୪ ପାଇଁ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଜିଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲବ୍ୟାପୀ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଶନିବାର କେନ୍ଦୁଝରଗଡ଼ ପୌରପାଳିକା ତରଫରୁ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ସେଲ୍ଫି ପଏଣ୍ଟ ସ୍ଥାପନ କରାଯାଇ ନିର୍ବାଚନୀ ସଚେତନତା ପାଇଁ ପ୍ରୟାସ କରାଯାଇଛି। ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ ସେଠୀଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ ପାର୍କଠାରେ ସକାଳ ସମୟରେ ବ୍ୟାୟାମ ପାଇଁ ଆସୁଥିବା ଭୋଟର, ନିଜଗଡ଼ସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ନିୟୋଜିତ କର୍ମଚାରୀମାନଙ୍କୁ ନେଇ ଏକ ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିଲେଟ ଶକ୍ତି କାଫେରେ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଫେରେ ନିୟୋଜିତ ମିଶନ ଶକ୍ତି ଏସ୍‌ଏଚଜିର ମାଆମାନେ ହାତରେ ନିର୍ବାଚନୀ ସଚେତନତା ପୋଷ୍ଟର ଏବଂ ପ୍ଲାକାର୍ଡ ଧରି ଭୋଟରମାନଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି।

## ଖିରେଇଟାଙ୍ଗିରୀ ସେକ୍ସନ ଜଙ୍ଗଲରେ ନିଆଁ



ପଟସା ଜଙ୍ଗଲରେ ନିଆଁ ଲାଗିଛି।

ପାଟଣା,୨୭।୪(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜର ବିଭିନ୍ନ ଜଙ୍ଗଲ ଏବେ ନିଆଁର ଆଁ ଭିତରେ ରହିଛି। ତାପମାତ୍ରା ବୃଦ୍ଧି ପାଇବା ସହ ହୁହୁ ହୋଇ ଜଳୁଛି ଗ୍ରାମ୍ୟ ଜଙ୍ଗଲ। ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନର ରାଜନଗର ଗ୍ରାମର ଦେଓଗାଁ ଗ୍ରାମ୍ୟ ଜଙ୍ଗଲ ପୁଟୁଳିଆ ପଟାସ ଜଙ୍ଗଲ ସାଙ୍ଗକୁ ବାଉଁଶୁଳି, ଅଙ୍କୁରା, ଟାଙ୍ଗରପଡ଼ା, ହାତିବାରୀ, ଚେମେଣା ଆଦି ଜଙ୍ଗଲରେ ନିଆଁ ଲାଗି ବହୁ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। ଶନିବାର ଅପରାହ୍ନରେ ଯମୁନାପଶି ବିଟ କଣ୍ଟିଆପଡ଼ା ଗ୍ରାମ୍ୟ ଜଙ୍ଗଲ ସହ କେନ୍ଦେଇପଶି ବିଟ ଖଜିରାପଶି ଗ୍ରାମ୍ୟ ପଟାସ ଜଙ୍ଗଲରେ ନିଆଁ ଲାଗିଥିଲା। ବନାଗ୍ନି ରୋକିବା ପାଇଁ ବନ ବିଭାଗ ପକ୍ଷରୁ ମହିଳାମାନଙ୍କୁ ନେଇ ସଚେତନତା କରାଯିବା ସହ ଜଙ୍ଗଲ ନିଆଁ ରୋକିବା ପାଇଁ ଫାୟାର ଲାଇନ କରାଯାଉଛି। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନଙ୍କ ଉପରେ ନଜର ରଖାଯିବା ସହ ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଡିଏଫଓ ଏଚଡ଼ି ଧନରାଜ କହିଛନ୍ତି।

## ମାମୁ ଘରୁ ନିଖୋଜ ଛାତ୍ରୀ ରାଇରଙ୍ଗପୁରରୁ ଉଦ୍ଧାର

ପାଟଣା,୨୭।୪(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ତୁରୁମୁଙ୍ଗା ଗ୍ରାମରେ ମାମୁ ଘରେ ରହି ପଢୁଥିବା ଜଣେ ନାବାଳିକା ଛାତ୍ରୀ ଗତ ୨୨ ତାରିଖରୁ ନିଖୋଜ ହୋଇଥିଲେ। ଏ ନେଇ ନାବାଳିକାଙ୍କ ମାମୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ରାତିରେ ଏକ ମୋବାଇଲ ନମ୍ବରକୁ ଟ୍ରାକ କରି ନାବାଳିକା ଜଣଙ୍କୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା ନିଉଡି ଗ୍ରାମରୁ ଉଦ୍ଧାର କରିବା ପରେ କେନ୍ଦୁଝର ଟାଉନ ଥାନା ଓ କେନ୍ଦୁଝର କୋର୍ଟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧୬୫ /୨୪) ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ନାବାଳିକାଙ୍କୁ ତାଙ୍କ ବାପାଙ୍କ ନିକଟରେ ଛାଡି ଦିଆଯିବ ବୋଲି ତୁରୁମୁଙ୍ଗା ଥାନା ଏଏସ୍‌ଆଇ ବିରେନ୍ଦ୍ର ବେହେରା କହିଛନ୍ତି।

## ବଡ଼ବିଲରେ କୁଶଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ କୁଶ ଆପଟ, ବିଜେଡି କର୍ମକର୍ତ୍ତା।

ବଡ଼ବିଲ,୨୭।୪ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବିଜେଡି ସଭାପତି କୁଶ ଆପଟଙ୍କୁ ଶନିବାର ବଡ଼ବିଲରେ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ବିଜେଡି ନେତା ବିଜୟ ମହାନ୍ତିଙ୍କ ଉଦ୍ୟମରେ ସଭାରେ ନଗର ସଭାପତି ଅନନ୍ତ ମହାକୁଡ, ପୌର ଉପାଧକ୍ଷା ସରସ୍ୱତୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି କେନ୍ଦୁଝର ଜିଲା ସଭାପତି ହେବାପରେ କୁଶ ଏହି ମଞ୍ଚରେ ବିଜେଡିର ସମସ୍ତ ବିଧାୟକ ଓ ଲୋକସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ନିମନ୍ତେ ଆଶାବାଦୀ ଥିବା କହିଛନ୍ତି।

## ୭ ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ପେଟ୍ରୋଲ ପମ୍ପରୁ ଲୁଟ୍ ଘଟଣା**

**ରାଜ୍ୟର ବିଭିନ୍ନ ଥାନାରେ ରହିଛି ୨୮ରୁ ଉର୍ଦ୍ଧ୍ୱ ମାମଲା**

କେନ୍ଦୁଝର,୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଫୁଲଝରଠାରେ ଥିବା ସ୍ୱପ୍ନେଶ୍ୱର ଫିଲିଂ ଷ୍ଟେଶନରୁ ଲୁଟ୍ ଘଟଣାରେ ପୋଲିସ ୭ ମାସ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାମେବାରୀ ଥାନା ଅଞ୍ଚଳର ଧନୁର୍ଜୟପୁର ଗ୍ରାମର ଦାଶରଥି ଧିବର। ତାଙ୍କ ନିକଟରୁ ବନ୍ଧୁକ, ଗାଡ଼ି ଓ ସୁନାଗହଣା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ପୂର୍ବରୁ ଘଟଣାରେ ୫ ଅଭିଯୁକ୍ତ ଗିରଫ ହୋଇଥିଲେ। ସୂଚନା ଅନୁଯାୟୀ, ୨୦୨୩ ଅକ୍ଟୋବର ୧୮ରେ ଦୁର୍ବୃତ୍ତ ଶଟର ଭାଙ୍ଗି ୪ ଲକ୍ଷ ଟଙ୍କା ସହିତ ଲାପ୍‌ଟପ୍, ସିସିଟିଭି ହାର୍ଡଡିସ୍କ ଲୁଟି ନେଇଥିଲେ। ସିସିଟିଭି ହାର୍ଡଡିସ୍କକୁ ରାସ୍ତା କଡ଼ରେ ପକାଇ ୨ ବାଇକରେ ଦୁର୍ବୃତ୍ତମାନେ ପଳାଇଥିଲେ। ପୋଲିସ ୧୯ ତାରିଖରେ ହାର୍ଡଡିସ୍କ ଜବତକରି ଡକାୟତଙ୍କୁ ଚିହ୍ନଟ କରିଥିଲା। ଶନିବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଏକ ଛୁରି, ଏକ ମୋବାଇଲ, ଜେଏଚ୍୦୬-ଜେ-୩୧୮୮ ନମ୍ବରର ହିରୋହୋଣ୍ଡା ବାଇକ, ଓଆର୍୦୯କେ-୭୪୮୫ ନମ୍ବର ବୋଲେରୋ, ୫୦୦ ଗ୍ରାମ ରୁପା ଗହଣା ଓ ୧୪ଟି ସୁନା ଲକେଟ ଜବତ କରିଛି। ଦାଶରଥିଙ୍କ ନାମରେ କେନ୍ଦୁଝରରେ ୨୦ ମାମଲା ଥିବାବେଳେ ରାଉରକେଲାରେ ୬, ସମ୍ବଲପୁରରେ ଗୋଟିଏ ଓ ଢେଙ୍କାନାଳରେ ଗୋଟିଏ କେସ୍ ରହିଥିବା ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ନାୟକ ସୂଚନା ଦେଇଛନ୍ତି। ପୋଲିସ ପୂର୍ବରୁ ସମ୍ପୃକ୍ତ ଘଟଣାରେ ଯୋଡ଼ା ଥାନା ଅଞ୍ଚଳର ବିଜୁ ପାତ୍ର, ପ୍ରଭାକର ଲୋହାର, ଅନୀଲ ଗୋପ, ଯୋଡ଼ାରୁ ହଗୁରୁ ନାଗ, ସଦର ଥାନା କାଉଁରିକଳା ପଞ୍ଚାୟତ ଅନ୍ତର୍ଗତ କୁସୁମୁଳା ଗ୍ରାମରୁ ନିହାର ରଞ୍ଜନ ମହାନ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ନୟାକୋଟ ଥାନା ଅଧିକାରୀ ଅବିନାଶ ପରିଡ଼ା ଉପସ୍ଥିତ ଥିଲେ।

## ବେଆଇନ ଚାନ୍ଦା ଆଦାୟ ଅଭିଯୋଗ

ହାଟଡିହୀ,୨୭।୪(ପାର୍ଥ ସୌରଭ ସା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଣା ସମଣା ରାସ୍ତାରେ ବେଆଇନ ଚାନ୍ଦା ଆଦାୟ ଅଭିଯୋଗ ହେଉଛି। ରାସ୍ତା ଦେଇ ବାଲି ପରିବହନ କରୁଥିବା ଗାଡ଼ିରୁ ୨୦ରୁ ଉର୍ଦ୍ଧ୍ୱ ଛକରେ ଅସାମାଜିକ ଲୋକ ବେଆଇନ ଭାବେ ଚାନ୍ଦା ଆଦାୟ କରୁଛନ୍ତି। ଶନିବାର ସଡ଼ଙ୍ଗା ଛକରେ ଏକ ବାଲି ବୋଝେଇ ଟ୍ରକ୍‌କୁ ଅଟକାଇ ପାଞ୍ଚ ଶହ ଟଙ୍କା ଚାନ୍ଦା ମାଗିଥିଲେ। ଟ୍ରକ୍ ଚାଳକ ଜଣକ ନିଜର ଅକ୍ଷମତା ପ୍ରକାଶ କରିବାରୁ ଚାନ୍ଦା ଆଦାୟ କରୁଥିବା ଯୁବକମାନେ ଚାଳକଙ୍କୁ ମାଡ଼ମାରି ଗାଡ଼ିରେ ଥିବା ଗ୍ୟାସ ଟାଙ୍କି, ଜଗ ରଡ୍ ନେଇ ଯାଇଥିଲେ। ବାହାର ଜିଲା ଗାଡ଼ି ହୋଇଥିବାରୁ ଚାଳକ ପ୍ରତିବାଦ କରିବାକୁ ବି ସାହସ କରିପାରି ନ ଥିଲେ। ଏ ସମ୍ପର୍କରେ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର କହିଛନ୍ତି, ସେପରି କିଛି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ।

## କଣ୍ଟିପାଳରେ ବିଜେଡିର ବାଇକ ରାଲି



ଆନନ୍ଦପୁର,୨୭।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଶନିବାର ୩୧ନମ୍ବର ଜୋନର କଣ୍ଟିପାଳ ପଞ୍ଚାୟତରେ ଏକ ବାଇକ ରାଲି କରିଛନ୍ତି। ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ପଞ୍ଚାୟତର ପ୍ରତ୍ୟେକ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଥିଲେ। ରାଲିରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ପଲେଇ, ବର୍ତ୍ତମାନର ଜିଲା ପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, ପଞ୍ଚାୟତର ପିଏସ ମେମ୍ବର ଭଗବାନ ବେହେରା, ଅଭିମନ୍ୟୁ ବେହେରା, ଟୁନୁ ରାଉତ, ଉଦୟନାଥ ସାହୁ, ମହେନ୍ଦ୍ର ବେହେରା, ପ୍ରଶାନ୍ତ ରାମ, ସୁଦାମ ମୁଦୁଲି, ପପୁ ବାରିକ, ଅଭି ବାରିକ, ରବି ମୁଦୁଲି, ବାମଦେବ ଖଣ୍ଡା, ସଞ୍ଜୟ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ଟିଏସ୍ଏଫ ପକ୍ଷରୁ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

ଯୋଡ଼ା,୨୭।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଗୁଆଲି ଅଞ୍ଚଳର ଛାତ୍ରୀଛାତ୍ରଙ୍କ କ୍ୟାରିୟରରେ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) ତରଫରୁ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନ୍‌ଆଇଆଇଟି ଗୁଆଲି ସହଭାଗିତାରେ ଗୁଆଲି, ଲୋଇଡ଼ାପଦା ଏବଂ ମାଲଦାର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ୪୯ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଏନ୍‌ସି ପ୍ରଶିକ୍ଷକ ରଶ୍ମି ରଞ୍ଜନ ରାଉତ, ଆଇଟିଆଇ ବାଂଶପାଳ ଇଲେକ୍ଟ୍ରିକାଲ ଟ୍ରେଡ଼ ପ୍ରଶିକ୍ଷକ ରାକେଶ ସାହୁ, କୋଇ ସରକାରୀ ଆଇଟିଆଇ ପ୍ଲେସମେଣ୍ଟ ଅଫିସର ମଣିରମାଳା ଗୋରୋଡା ଏବଂ କୋଇଡ଼ା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସନ୍ତୋଷ ସେଠୀ ଯୋଗଦେଇ ଦକ୍ଷତା ବିକାଶ ମାଧ୍ୟମରେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ବିଷୟରେ ଆଲୋଚନା କରିଥିଲେ।

## ଚାଷୀ ଅଭିବୃଦ୍ଧି ଶିବିର

ବାରିପଦା,୨୭।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପାଲବଣୀ ପରିସରରେ କୃଷକ ଉତ୍ପାଦକ ସେବା ସମିତି ଆନୁକୂଲ୍ୟରେ ଚାଷୀ ଅଭିବୃଦ୍ଧି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୃଷି ଅଧିକାରୀ ଜୟରାମ ମହାନ୍ତ, ସ୍ୱତନ୍ତ୍ର ଅତିଥିଭାବେ ନାବାର୍ଡର ଡିଡିଏମ୍‌ଏସ୍ ଆର୍ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ବିଏଓ ବଡ଼ସାହିର ମନୋରଞ୍ଜନ ମିଶ୍ର, ଏଏଚ୍‌ଓ ବେତନଟୀର ମଧୁସ୍ମିତା ସେଠୀ, ପ୍ରୋଜେକ୍ଟ ମ୍ୟାନେଜର ପରମାନନ୍ଦ ପ୍ରଧାନ, ଏଲ୍‌ଏଫ୍‌ଓ ରମାକାନ୍ତ ସେନ ପ୍ରମୁଖ ସମସ୍ତ ଚାଷୀ ଇ-ନାମ ମାଧ୍ୟମରେ ନିଜର ଉତ୍ପାଦନ ସାମଗ୍ରୀ ବିକ୍ରି କରିବା ପାଇଁ ପରାମର୍ଶ ଦେଇଥିଲେ। ବାରିପଦା ଏଗ୍ରୋ କମ୍ପାନୀ ଲିଃର ସଭାପତି ଅଶୋକ ଗିରି ଶିବିରର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବାରିପଦା ଓ ବଡ଼ସାହି ବ୍ଲକ୍‌ର ୨୦ ଗ୍ରାମରୁ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିଲେ। ଶିବିରକୁ ଅମରେନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ।

## ମାନସିକ ପୂରଣ ହେଲେ କଳା କୁକୁଡ଼ା ଅଣ୍ଡା ବଳି ଦିଆଯାଏ

### ଚୈତ୍ରରେ ଘୋଡ଼ାନାଚ ପରମ୍ପରା



ଗ୍ରାମରେ ଘୋଡ଼ା ନାଚ ପରିବେଷଣ କରାଯାଉଛି।

ହାଟଡିହୀ,(ଶୁଭକାନ୍ତ ନାୟକ)/ ସୋସୋ,(ସତ୍ୟବ୍ରତ ଜେନା)୨୭।୪

ଏକ ସ୍ୱତନ୍ତ୍ର ପରମ୍ପରା ଏବଂ ରୀତିନୀତି ଅନୁସାରେ ଘୋଡ଼ାନାଚ ଉତ୍ସବ ପାଳିତ ହୋଇଆସୁଛି। ଏହି ଉତ୍ସବ ଅବସରରେ ମାନସିକ ପୂରଣ ହୋଇଥିବା ଭକ୍ତମାନେ ଦେଶୀ କଳା କୁକୁଡ଼ାର ଅଣ୍ଡା ବଳି ଦେବାର ନୀତି ରହିଛି। ଏଭଳି ନିଆରା ପରମ୍ପରା କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ପାଳନ କରିଆସୁଛନ୍ତି। ଚୈତ୍ର ପୂର୍ଣ୍ଣିମାଠାରୁ ୫ ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଭକ୍ତମାନେ ବାଜା ବଜାଇ ନିଜ ଗ୍ରାମ ଏବଂ ଆଖପାଖ ଗ୍ରାମରେ ବୁଲିବୁଲି ଘୋଡ଼ାନାଚ କରିଥାନ୍ତି। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଗ୍ରାମରେ ଥିବା ମା' ବାସୁଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ପୂଜାରେ ମହିଳାମାନେ ପ୍ରଥମେ ଠାକୁରାଣୀଙ୍କୁ ବନ୍ଦାପନା କରିଥାନ୍ତି। ପରେ ପରମ୍ପରା ଅନୁସାରେ ପୂଜା କାର୍ଯ୍ୟ ହୋଇଥାଏ। ଶେଷଦିନ ସନ୍ଧ୍ୟାରେ ଯେଉଁ ଭକ୍ତମାନଙ୍କର ମାନସିକ ପୂରଣ ହୋଇଥାଏ ସେମାନେ ଠାକୁରାଣୀଙ୍କ ନିକଟରେ ଦେଶୀ କଳା କୁକୁଡ଼ାର ଅଣ୍ଡା ବଳି ଦେଇଥାନ୍ତି। ବିଶ୍ୱାସ ଅଛି, ମା' ବାସୁଳୀ ଠାକୁରାଣୀ ଭକ୍ତଙ୍କ ଦୁଃଖ ଶୁଣନ୍ତି ଏବଂ ସହାୟ ହୁଅନ୍ତି। ମାନସିକ କରି କେହି କେବେ ଏଠାରୁ ନିରାଶ ହୋଇ ଫେରନ୍ତି ନାହିଁ। ଉତ୍ସବର ଶେଷ ଦିନ ଅର୍ଥାତ୍ ଶନିବାର ନିକଟସ୍ଥ ଯଜ୍ଞ ପଡ଼ିଆରେ ଘୋଡ଼ାନାଚ ମେଳଣ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅନ୍ୟ ଗ୍ରାମରୁ ମଧ ଏଠାକୁ ଘୋଡ଼ା ଆସିଥାଏ। ମାନସିକଧାରୀ ଓ ଘୋଡ଼ାନାଚ ଦେଖିବାକୁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମର ପ୍ରଶାନ୍ତ ମାଝି, ନଣ୍ଡା ମହାଳିକ, ସନାତନ ମାଝି, ଅଜୟ ମାଝି, ଅମିୟ ମାଝି, ଅକ୍ଷୟ ମାଝି, ଦୋଳ ଗୋବିନ୍ଦ ମାଝି, ନୃସିଂହ ମାଝି, ମଣିଚରଣ ମାଝି, ଲକ୍ଷ୍ମୀଧର ମାଝି, ବିଷ୍ଣୁ ଚରଣ ଆରୁଖ, ତରଣୀ ମାଝି, ଭୋଳାନାଥ ମାଝି, ଅନନ୍ତ ମହାଳିକ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ରାସ୍ତା ଠିକ୍ ନ କଲେ ବସ ସେବା ବନ୍ଦ

**ବସ୍ ମାଲିକ ସଂଘର ଚେତାବନୀ**

ଚମ୍ପୁଆ,୨୭।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରୁ ମୟୂରଭଞ୍ଜ ଜିଲାକୁ ସଂଯୋଗ ରାସ୍ତା ଠିକ ନ କଲେ ଆଗାମୀ ଦିନରେ ବସ ସେବା ବନ୍ଦ କରାଯିବ ବୋଲି ଚମ୍ପୁଆ ଉପଖଣ୍ଡ ଘରୋଇ ବସ ମାଲିକ ସଂଘ ଚେତାବନୀ ଦେଇଛି। ଦୟନୀୟ ରାସ୍ତା ଯୋଗୁ ଅହେତୁକ କ୍ଷତି ବସ ମାଲିକ ସହୁଛନ୍ତି। ବର୍ଷ ବର୍ଷ ଧରି ରାସ୍ତାକାମ ସରୁ ନ ଥିବାରୁ ଯାତ୍ରୀମାନେ ବିହିନସ୍ତା ହେବା ସହ ମାଲିକ ବସ ମରାମତି କରି ନୟାନ୍ତ ହେଲେଣି। ତେଣୁ ଏଭଳି ପଦକ୍ଷେପ ନେବାକୁ ସ୍ଥିର ହୋଇଥିବା ବସ ମାଲିକ ସଂଘ ସମ୍ପାଦକ ଭୋଳାନାଥ ମହାନ୍ତ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ସଦରମହକୁମାରୁ ମୟୂରଭଞ୍ଜ ଜିଲାର ବାରିପଦା, ରାଇରଙ୍ଗପୁର, ଯଶିପୁର, କରଞ୍ଜିଆ, ଠାକୁରମୁଣ୍ଡା ଆଦି ଅଞ୍ଚଳକୁ ଦୈନିକ ୧୨ ରୁ ୧୩ ଯାତ୍ରୀବାହୀ ବସ ଚଳାଚଳ କରୁଛି। ମାତ୍ର ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଥିବା ଉପାନ୍ତ ଫଗୁ ଗ୍ରାମଠାରୁ ରରୁଆଁ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡ଼ିଛି। ବର୍ଷବର୍ଷ ଧରି ରାସ୍ତାକାମ ଚାଲୁଥିଲେ ମଧ ରାସ୍ତାକାର୍ଯ୍ୟ ସମାପ୍ତ ହୋଇପାରୁନାହିଁ। ରାସ୍ତା ଉପରେ ପଡ଼ିଥିବା ମେଟାଲରେ ଟାୟାର ଖରାପ ହୋଇଯାଉଛି। ଅନେକ ସମୟରେ ବ୍ରେକଡାଉନର ସମ୍ମୁଖୀନ ହେବାକୁ ପଡୁଛି। ରୋଜଗାର ଅପେକ୍ଷା ଖର୍ଚ୍ଚ ଦିଗୁଣା ହେଉଥିବାରୁ ଅନେକ ସମୟରେ ମାଲିକ ବସ ଠିଆ କରିବାକୁ ବାଧ ହେଉଛନ୍ତି। ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ ଦାବି କରିଛି। ପି.ଡବ୍ଲ୍ୟୁ.ଡି ଅଧିକାରୀ ଧର୍ମେନ୍ଦ୍ର କୁମାର ସିଂ କହିଛନ୍ତି, ରାସ୍ତାକାମ ଚାଲୁରହିଛି, କିଛିରାସ୍ତା ସମ୍ପୂର୍ଣ୍ଣ ହୋଇଥିବା ବେଳେ କିଛି ରାସ୍ତା ପ୍ରଚଣ୍ଡ ଖରା ପାଇଁ ଧିମା ଚାଲୁଛି। ଦୁର୍ଗାପୂଜା ଭିତରେ ରାସ୍ତାକାମ ଶେଷ କରିବାକୁ ଚେଷ୍ଟା ଜାରି ରହିଥିବା କହିଛନ୍ତି।

**ଦିନବେଳା ତହସିଲ କାର୍ଯ୍ୟାଳୟ ପରିସରରୁ ଗାଡ଼ି ଚୋରି**

**ଜଳେଶ୍ୱର,(ରବି ନାରାୟଣ ପାତ୍ର):** ଜଳେଶ୍ୱର ନୂଆବଜାରସ୍ଥିତ ତହସିଲ ପୌର କାର୍ଯ୍ୟାଳୟ ପରିସରରୁ ଗତ ଗୁରୁବାର ଅପରାହ୍ନରେ ଏକ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୌର କାର୍ଯ୍ୟାଳୟରେ କାର୍ଯ୍ୟରତ ତଥା କର୍ମଚାରୀ ସଂଘର ସମ୍ପାଦକ ଅଜୟ ବ୍ରହ୍ମ ପୂର୍ବାହ୍ନ ୧୧ଟାରେ ନିଜର ଲାଲ୍ ରଙ୍ଗର ବାଇକ୍(ନଂ.ଓଡି୦୧କେ-୮୭୬୨) ରଖି କାର୍ଯ୍ୟରେ ବ୍ୟସ୍ତ ଥିଲେ। ଅପରାହ୍ନ ୧ଟା ୩୦ରେ ଘରକୁ ଯିବାକୁ ବାହାରିବାରୁ ନିଜର ବାଇକ୍ ନ ଥିବା ଜାଣି ଖୋଜାଖୋଜା କରିଥିଲେ। ଶେଷରେ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

# ନିର୍ବାଚନ ପାଇଁ ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା

**ବାଲେଶ୍ୱର, ୨୭।୪(ମାନସ ବିଶ୍ୱାଳ)**



ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ନିର୍ବାଚନୀ ସମୀକ୍ଷା କରୁଛନ୍ତି।

ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ଶନିବାର ବାଲେଶ୍ୱର ଗସ୍ତରେ ଆସି ଇଷ୍ଟର୍ନ ରେଞ୍ଜରେ ହେବାକୁ ଥିବା ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ଆଇନଶୃଙ୍ଖଳା ସମ୍ପର୍କରେ ସମୀକ୍ଷା କରିଛନ୍ତି। ତାଙ୍କ ସହିତ ଡାଇରେକ୍ଟର ଇଣ୍ଟେଲିଜେନ୍ସ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଏଡିଜି (ଲ ଆଣ୍ଡ ଅର୍ଡ଼ର) ସଞ୍ଜୟ କୁମାର, ଏସ୍‌ପି ହେଡ୍‌କ୍ୱାର୍ଟର୍ସ କଟକ ବାଟୁଲା ଗଙ୍ଗାଧର ଆସିଥିଲେ। ସମୀକ୍ଷା ବୈଠକରେ ଇଷ୍ଟର୍ନ ରେଞ୍ଜ ଆଇଜି ଡ. ଦୀପକ କୁମାର, ବାଲେଶ୍ୱର ଏସ୍‌ପି ସାଗରିକା ନାଥ, ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲି ଓ ମୟୂରଭଞ୍ଜ ଏସ୍‌ପି ଏସ୍. ସୁଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକ ପରେ ଅପରାହ୍ନରେ ଇଷ୍ଟର୍ନ ରେଞ୍ଜ ଆଇଜିଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଷଡ଼ଙ୍ଗୀ ଏହି ରେଞ୍ଜରେ ଆଇନଶୃଙ୍ଖଳା ପରିସ୍ଥିତି ଭଲ ରହିଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବିଶେଷ କରି ଏହି ରେଞ୍ଜରେ ନିର୍ବାଚନ ପାଇଁ ଜାନୁଆରୀ ପ୍ରଥମ ସପ୍ତାହରୁ ପ୍ରସ୍ତୁତି ଆରମ୍ଭ କରାଯାଇ ପ୍ରିଭେଣ୍ଟିଭ ଷ୍ଟେପ ନିଆଯାଇଛି। ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ସହିତ ନିର୍ବାଚନ ପାଇଁ ତିନୋଟି ଲୋକସଭା କ୍ଷେତ୍ର ୨୨ଟି ସିଭିଲ ସେଗମେଣ୍ଟରେ ଇଷ୍ଟର୍ନ ରେଞ୍ଜରେ ଦୁଇଟି ପର୍ଯ୍ୟାୟ (ଷଷ୍ଠ ଓ ସପ୍ତମ)ରେ ନିର୍ବାଚନ ହେବ। ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା କ୍ଷେତ୍ରଟି କେନ୍ଦୁଝର ଲୋକସଭା କ୍ଷେତ୍ରରେ ଥିବାରୁ ତାହା ଷଷ୍ଠ ପର୍ଯ୍ୟାୟରେ ନିର୍ବାଚନ ହେବ। ସପ୍ତମ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକର ଲୋକସଭା କ୍ଷେତ୍ରରେ ନିର୍ବାଚନ ହେବ। ତେଣୁ ଏହି ଦୁଇଟି ପର୍ଯ୍ୟାୟର ନିର୍ବାଚନ ପାଇଁ ପ୍ରସ୍ତୁତି, ଫୋର୍ସର ଆବଶ୍ୟକତା, ବିଭିନ୍ନ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳ ଏବଂ ସବୁପ୍ରକାର ପରିସ୍ଥିତିର ସମୀକ୍ଷା କରାଯାଇଛି। କୌଣସି ପ୍ରକାର ସେମିତି ସ୍ଥିତି ନାହିଁ ଯାହାକି ଉଦ୍‌ବେଗଜନକ, ସାମ୍ପ୍ରଦାୟିକ ସ୍ଥିତି ଯଦିଓ ଅଛି, ଗତ ପର୍ବ ଓ ପର୍ବାଣି ଶାନ୍ତିଶୃଙ୍ଖଳାରେ ସମାପନ ହୋଇଛି। ଏହି ରେଞ୍ଜରେ ସମୁଦାୟ ୫,୫୭୮ଟି ବୁଥ୍ ରହିଛି। ଜାନୁଆରୀ ପ୍ରଥମ ସପ୍ତାହରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ୱାରେଣ୍ଟ ଏକ୍‌ଜିକ୍ୟୁଶନ ବିଭିନ୍ନ ଜିଲାରେ ହୋଇଛି। ପ୍ରତିଷେଧମୂଳକ ବ୍ୟବସ୍ଥା ଅନୁସାରେ ନିର୍ବାଚନ ସମୟରେ ଗଣ୍ଡଗୋଳ କରିବେ ବୋଲି ଆଶା କରି ପ୍ରାୟ ୪,୩୦୦ଟି ୧୦୭ ସିଆର୍‌ପିସି ଧାରାରେ ପ୍ରସିକ୍ୟୁଶନ୍ ରିପୋର୍ଟ ଦିଆଯାଇଛି। ସେହିପରି ପ୍ରାୟ ୨୨ହଜାର ଲୋକ ଚିହ୍ନଟ ମଧ୍ୟରୁ ୭,୬୦୦ ଲୋକଙ୍କ ବିରୋଧରେ ନୋଟିସ୍ ଦିଆଯାଇ ସେମାନଙ୍କ ଠାରୁ ବଣ୍ଡ ନିଆସରିଛି। ଏହି ପ୍ରକ୍ରିୟା ଜାରି ରହିଛି। ବାକି ମାଜିଷ୍ଟ୍ରେଟ୍ କୋର୍ଟ ବଣ୍ଡ ଜାରି କରିବେ। ଏହାବ୍ୟତୀତ ଯେଉଁମାନେ ଅସାମାଜିକ ତତ୍ତ୍ୱ ଅଛନ୍ତି ତାଙ୍କ ବିରୋଧରେ ସିଆର୍‌ପିସି ଧାରା ୧୧୦ ହିସାବରେ ପ୍ରସିକ୍ୟୁଶନ୍ ରିପୋର୍ଟ ଦେଇଛୁ। ଭଲ ବ୍ୟବହାର କରିବା ପାଇଁ ପ୍ରୋସିଡିଂ କରିଛୁ। ସେହି ହିସାବରେ ୭୬୫ଟି ପ୍ରସିକ୍ୟୁଶନ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କୁ ଦିଆଯାଇଛି। ସେଥିମଧ୍ୟରୁ ୨୭୫ଜଣ ଅଦ୍ୟାବଧି ବଣ୍ଡ ଦେଇସାରିଲେଣି ଏବଂ ଅନ୍ୟମାନେ ବଣ୍ଡ ଦେବା ପାଇଁ ପ୍ରାବଧାନ ରହିଛି। ବିଶେଷ କରି ମାଦକଦ୍ରବ୍ୟ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବିରୋଧରେ ପଦକ୍ଷେପ ଜାରି ରହିଛି। ଗତ ଜାନୁଆରୀ ପ୍ରଥମ ସପ୍ତାହରୁ ଆଜି ପର୍ଯ୍ୟନ୍ତ ଏହି ରେଞ୍ଜରେ ୬ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ବେଳେ ୨୩ଟି ମାମଲା ରୁଜୁ କରାଯାଇ ୩୧ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଦେଢ଼ କିଲୋ ବ୍ରାଉନ୍‌ସୁଗାର ମଧ୍ୟ ଜବତ ହୋଇଛି। ବିଶେଷ କରି ମାଦକଦ୍ରବ୍ୟ ବ୍ୟତୀତ ଯେଉଁ ଚୋରାମଦ କାରବାର ହେଉଛି ତାକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛୁ। ଏହି ସମୟ ମଧ୍ୟରେ ୧୮୧୯ ମାମଲା ରୁଜୁ କରାଯାଇ ପ୍ରାୟ ୪୮ହଜାର ଲିଟର ଚୋରା ମଦ ଧରାପଡ଼ିଛି। ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ନଜର ରଖାଯିବା ସହ ଚଢାଉ ଜାରି ରହିଛି। ଏହି ରେଞ୍ଜ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟକୁ ଲାଗିଥିବାରୁ ସେଠାକାର ନିର୍ବାଚନ ଓ ଆମର ନିର୍ବାଚନ ଭିନ୍ନ ଭିନ୍ନ ସମୟରେ ରହିଛି। ସେଥିପାଇଁ ନିର୍ବାଚନ କମିଶନଙ୍କ ନିୟମାନୁଯାୟୀ ଇଣ୍ଟରଷ୍ଟେଟ୍ ବୋର୍ଡ଼ର ମିଳିତ ବୈଠକ କରାଯାଇଥିଲା। ଡିଜିଙ୍କ ସ୍ତରରେ ଏହି ଦୁଇ ରାଜ୍ୟର ଡିଜିଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ସମସ୍ତ ରାଜ୍ୟର ସହଯୋଗରେ ନିର୍ବାଚନ ସମୟରେ କାର୍ଯ୍ୟ କରାଯିବ। ବିଶେଷ କରି ଆନ୍ତଃ ରାଜ୍ୟ ଚୋରାଚାଲାଣକୁ ରୋକିବା ପାଇଁ ଇଣ୍ଟରଷ୍ଟେଟ୍ ବର୍ଡ଼ର ଚେକ୍‌ପୋଷ୍ଟ ଉପରେ ନିର୍ବାଚନ କମିଶନର ଜୋର୍ ଦିଅନ୍ତି। ମୟୂରଭଞ୍ଜ ଓ ବାଲେଶ୍ୱରରେ ମୋଟ୍ ୨୧ଟି ବର୍ଡ଼ର ଚେକ୍‌ପୋଷ୍ଟ ହୋଇଛି। ଦୁଇମାସରୁ ଅଧିକ ଏହା କାମ କଲାଣି। ବର୍ଡ଼ର ଚେକ୍‌ପୋଷ୍ଟରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଆପତ୍ତିଜନକ ବସ୍ତୁ ଧରାପଡ଼ିଛି। ଯେମିତି କୌଣସି ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ ସମସ୍ତ ଗାଡ଼ିକୁ ଯାଞ୍ଚ କରାଯାଉଛି। ଏହି ରେଞ୍ଜ ମଧ୍ୟରେ ୬୯ ଫ୍ଲାଇଂସ୍କ୍ୱାଡ୍ ରହିଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏହି ଫ୍ଲାଇଂ ସ୍କ୍ୱାଡ୍ କାର୍ଯ୍ୟ କରୁଛନ୍ତି। ଏହି ରେଞ୍ଜରେ ୩ଟି କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ବର୍ତ୍ତମାନ ମୁତୟନ କରାଯାଇଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ ଅର୍ଦ୍ଧସାମରିକ ବାହିନୀ ମୁତୟନ ହେବେ। ଏହି ସମୟ ମଧ୍ୟରେ ୨୫୦ଟି ସ୍ଥାନରେ ଫ୍ଲାଗମାର୍ଚ୍ଚ କରି ଲୋକଙ୍କ ସେନ୍ସ ଅଫ୍ ସିକ୍ୟୁରିଟି ବୃଦ୍ଧି କରାଯାଇଥିବା ପ୍ରକାଶ କରିଛନ୍ତି।

## ବାଲେଶ୍ୱରରେ ଡିଜିପି

# ସିମୁଳିଆରେ ବିଜେଡି ପ୍ରାର୍ଥିନୀଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ସାହୁ ବକ୍ତବ୍ୟ ଦେଉଛନ୍ତି।

**ଖଇରା, ୨୭।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପକ୍ଷରୁ ସମର୍ଥକଙ୍କ ବନ୍ଧୁମିଳନ ଓ ଖବରଦାତା ସମ୍ମିଳନୀ ଶନିବାର ଧୋବାଗଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାର୍ଥୀ ସୁବାସିନୀ ସାହୁ ତାଙ୍କ ବକ୍ତବ୍ୟରେ ନବୀନ ସରକାରଙ୍କ ଯୋଜନା ପ୍ରତ୍ୟେକ ଲୋକଙ୍କ ନିକଟରେ ପହଞ୍ଚିଛି। ଏଣୁ ପୁଣିଥରେ ନବୀନ ସରକାର ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବା ସହ ମହିଳା ପ୍ରାର୍ଥୀ ଭାବେ ନିଶ୍ଚିତ ଭୋଟରଙ୍କ ଆଶୀର୍ବାଦ ମିଳିବ ବୋଲି କହିଥିଲେ। ଖଇରା ବ୍ଲକ ଉପାଧ୍ୟକ୍ଷା ଗଜେନ୍ଦ୍ର ପରିଡା, ସିମୁଳିଆ ଏମ୍‌ପି ପ୍ରତିନିଧି ରଞ୍ଜନ କୁମାର ବେହେରା, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟା ପ୍ରତିନିଧି ମୁକ୍ତିକାନ୍ତ ପାଣିଗ୍ରାହୀ, ସିମୁଳିଆ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରାଙ୍ଗ ପତ୍ରୀ, ବିଏଲ୍‌ଏଫ ସଭାପତି ସୁମିତ୍ରା ମହାପାତ୍ର, ମହତୀପୁର ସରପଞ୍ଚ ଆରତୀଲତା ମହାନ୍ତି, ସମିତିସଭ୍ୟା ଭାନୁପ୍ରିୟା ସାହୁ, ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ବର୍ତ୍ତନା ସରପଞ୍ଚ ପ୍ରତିନିଧି ରଘୁନାଥ ପଣ୍ଡା ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସିମୁଳିଆରେ ଦୀର୍ଘଦିନ ଧରି କ୍ଷମତାରେ ରହୁଥିବା ୨ପରିବାରକୁ ହଟାଇ ଏଥର ପରିବର୍ତ୍ତନ ଧାରାରେ ମହିଳା ବିଧାୟିକା ପ୍ରାର୍ଥିନୀଙ୍କୁ ବିଜୟୀ କରାଇବାକୁ ଅନୁରୋଧ କରିଥିଲେ। ଏବେ ବି ବହୁ ବିଜେଡି ନେତୃବୃନ୍ଦ ଅସନ୍ତୁଷ୍ଟ ଥିବା ବେଳେ ତାଙ୍କୁ ମନାଇବାକୁ ସକ୍ଷମ ହେବେ କି ବୋଲି ଉତ୍ତରରେ ପ୍ରାର୍ଥିନୀ ସୁବାସିନୀ ଏଥିରେ ନିଶ୍ଚୟ ସଫଳ ହେବେ କାରଣ ସମସ୍ତେ କେବଳ ଅଭିମାନ କରି ଦଳଠାରୁ ଦୂରେଇ ରହିଛନ୍ତି । ସେମାନେ ଦଳକୁ ଫେରିବେ ବୋଲି ବିଶ୍ୱାସ ଅଛି ବୋଲି ଖବରଦାତାଙ୍କ ଆଗରେ ପ୍ରକାଶ କରିଥିଲେ । ରାକେଶ ଗଦାଧର ବରାଳ ମଞ୍ଚ ପରିଚାଳନା କରିଥିଲେ।

# ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

ବାଲେଶ୍ୱର,୨୭।୪(ମାନସ ବିଶ୍ୱାଳ)– ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାରସ୍ଥିତ ମସଜିଦ୍ ଗଳିରୁ ଜଣେ ମହିଳାଙ୍କଠାରୁ ପୋଲିସ ୧୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହ ଉକ୍ତ ମହିଳାଙ୍କୁ ଗିରଫ କରିଛି। ସହଦେବଖୁଣ୍ଟା ପୋଲିସ ମସଜିଦ୍ ଗଳିର ଜଣେ ୫୦ ବର୍ଷୀୟ ମହିଳାଙ୍କ ଘରେ ଚଢ଼ାଉ କରିଥିଲା। ମହିଳାଜଣକ ଠାରୁ ୧୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୧୬୪/୨୪) ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ରୁଜୁ କରାଯାଇ ଅଭିଯୁକ୍ତ ମହିଳାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ସହଦେବଖୁଣ୍ଟା ଥାନା ସବ୍‌ଇନ୍ସପେକ୍ଟର ମମତା ସିଂହ ସୂଚନା ଦେଇଛନ୍ତି।



# ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

## ରାସ୍ତାରୋକୋ କଲେ ପରିବାର ଲୋକେ

**ବାଲେଶ୍ୱର, ୨୭।୪(ମାନସ ବିଶ୍ୱାଳ)**


ମୃତକଙ୍କ ପରିବାର ଲୋକେ ଓ ସମ୍ପର୍କୀୟମାନେ ରାସ୍ତାରୋକୋ କରିଛନ୍ତି।

ବାଲେଶ୍ୱର ସହରର ଓଟି ରୋଡ୍‌ର ଆଇଟିଆଇ ଛକ ନିକଟସ୍ଥ ଘରୋଇ ନିଦାନ କେନ୍ଦ୍ର (ଡାଏଲିସିସ୍ ସେଣ୍ଟର)ରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଭୁଲ୍ ଇଞ୍ଜେକ୍ସନ ଏବଂ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଯୁବକଙ୍କ ଜୀବନ ଯାଇଥିବା ଅଭିଯୋଗ କରି ପରିବାର ଲୋକେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଓଟି ରୋଡ଼ରେ ବସି ଆନ୍ଦୋଳନ କରିବା ସହ ନ୍ୟାୟ ଦାବି କରିଥିଲେ।

ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ମହେଶ୍ୱର ମହାରଣା(୨୯) ନାମକ ଯୁବକଙ୍କ ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଥିଲା। ଏଥିପାଇଁ ସେ ପର୍ଯ୍ୟାୟକ୍ରମେ ଏକ ଘରୋଇ ନିଦାନ କେନ୍ଦ୍ରରେ ଚିକିତ୍ସା କରାଉଥିଲେ। ଶୁକ୍ରବାର ସେ ଚିକିତ୍ସା ପାଇଁ ଯାଇଥିବା ବେଳେ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ହଠାତ୍ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଭୁଲ ଇଞ୍ଜେକ୍ସନ ପାଇଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ସହ ସେମାନଙ୍କଠାରୁ ଜବରଦସ୍ତ ଏକ କାଗଜରେ ସେଠାକାର ନର୍ସମାନେ ଦସ୍ତଖତ କରାଇ ନେଇଥିବା ଅଭିଯୋଗ ହୋଇଛି। ଦସ୍ତଖତ କରାଇବା ପାଇଁ ମୃତକଙ୍କ ମା'ଙ୍କୁ ହସ୍ପିଟାଲ କର୍ମଚାରୀ ଡାକ୍ତରଖାନା ବାହାରକୁ ବଳପୂର୍ବକ କାଢ଼ିଦେଇ ଭିତରୁ ଚାବି ପକାଇ ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିବାର ଲୋକେ ଏବଂ ସମ୍ପର୍କୀୟମାନେ ଓଟି ରୋଡ଼ ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଟ୍ରାଫିକ ଜାମ୍ ହେବା ପରେ ପୋଲିସ ସେମାନଙ୍କୁ ହଟିବା ପାଇଁ କହିଥିଲେ। ଏନେଇ ପରିବାର ଲୋକ ଓ ପୋଲିସ ମଧ୍ୟରେ ବଚସା ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଉତ୍ତେଜନା ଲାଗି ରହିବା ପରେ ପୋଲିସ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ରୋଗୀଙ୍କ ପରିବାର ଲୋକେ ନିଦାନ କେନ୍ଦ୍ରର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି।

# ଶହୀଦ ଗଙ୍ଗାନାରାୟଣଙ୍କ ଜୟନ୍ତୀ

ଖୁଣ୍ଟା, ୨୭।୪(ଦେବରଞ୍ଜନ ବେହେରା) ଖୁଣ୍ଟା ବ୍ଲକର ଲକ୍ଷ୍ମଣସାହି ପଞ୍ଚାୟତ ଅଧୀନ ମହାଲିବସା ଗ୍ରାମରେ ଭୂମିଜ ସମାଜ କଲ୍ୟାଣ ସମିତିର ଖୁଣ୍ଟା ଶାଖା ପକ୍ଷରୁ ଶହୀଦ ଗଙ୍ଗାନାରାୟଣ ସିଂଙ୍କ ୨୩୫ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଭୂମିଜ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୂମିଜ ସମାଜ କଲ୍ୟାଣ ସମିତିର ସଭାପତି ସନ୍ତୋଷ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡର ଶରତ ସିଂ, ମୁଖ୍ୟବକ୍ତା ଶିବ ପ୍ରସାଦ ସିଂ ଏବଂ ସମ୍ମାନିତ ଅତିଥି ଭାବେ ପଶ୍ଚିମବଙ୍ଗର ପଦନ ସିଂ ଯୋଗ ଦେଇଥିଲେ। ଭୂମିଜ ସମାଜର ବିକାଶ ଲାଗି ଶହୀଦ ଗଙ୍ଗାନାରାୟଣଙ୍କ ଅବଦାନ ଏବଂ କର୍ମମୟ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଜିର ଯୁବପିଢ଼ି ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇପାରିଲେ ଏହା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ କହିଥଲେ। ଉପଦେଷ୍ଟା ମଣ୍ଡଳୀର ଜତିନ୍ଦ୍ର ନାଥ ସିଂ, ଶିବ ଶଙ୍କର ସିଂ, ଦୁଲାଲ ଗିରି, କାହ୍ନୁଚରଣ ଗିରିଙ୍କ ସମେତ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭୂମିଜ ସମ୍ପ୍ରଦାୟର ବିଭିନ୍ନ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ଯଶସ୍ୱୀ ମନୋଜ ଦାସଙ୍କ ନୀତି ଆଦର୍ଶ ପ୍ରେରଣା ହେଉ'


ମନ୍ମଥ –ମନୋଜଙ୍କ ଐତିହ୍ୟସ୍ଥଳୀରେ ଯଶସ୍ୱୀ କଥାକାର ମନୋଜଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

**ଭୋଗରାଇ, ୨୭।୪(ପ୍ରଦୀପ ଦାସ)**

ବିଶ୍ୱ ସୃଜନଶୀଳ ଆଗ୍ନେୟ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ ଯଶସ୍ୱୀ କଥାକାର ତଥା ପଦ୍ମଭୂଷଣ ଡ. ମନୋଜ ଦାସ ଓଡ଼ିଆ ସାହିତ୍ୟ ସର୍ଜନାର ଅନିର୍ବାଣ ଦୀପଶିଖା ଥିଲେ। ତାଙ୍କ ନିଷ୍ଠା, ତ୍ୟାଗ ଓ ଆଦର୍ଶ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ହେଉ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶଙ୍ଖାରୀ ଗ୍ରାମ ମନ୍ମଥ – ମନୋଜ ଐତିହ୍ୟସ୍ଥଳୀରେ କଥାକାର ଡ. ମନୋଜ ଦାସଙ୍କ ୩ୟ ଶ୍ରାଦ୍ଧବାର୍ଷିକୀରେ ଶନିବାର ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଥିଲେ। ସ୍ୱର୍ଗତ ମନୋଜ ଦାସ ଓ ବଡ଼ଭାଇ ଐତିହାସିକ ମନ୍ମଥ ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଂକ୍ଷିପ୍ତ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ମନ୍ମଥ ମନୋଜ ଫାଉଣ୍ଡେଶନ ସଭାପତି ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରାଦ୍ଧୋତ୍ସବରେ ଶିକ୍ଷାବିତ୍ ଶମ୍ଭୁନାଥ ଜେନା, ବିପଦ ଭଞ୍ଜନ ମିଶ୍ର, ଧନଞ୍ଜୟ ପାତ୍ର, ସମ୍ପାଦକ ସୁବାସ ଦାସ, ସୁଶାନ୍ତ ନାୟକ, କବି ସନ୍ତୋଷ କୁମାର ପାତ୍ର, ବିକାଶ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ମନୋଜିୟ ସାହିତ୍ୟର ବହୁ ବିଭବକୁ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶାଶ୍ୱତ ଜେନା, ସୁବାସ ଚାନ୍ଦ, ସୁଧାଂଶୁ ପ୍ରଧାନ, ମନୋରଞ୍ଜନ ମହାନ୍ତି, ସୁବାସିନୀ ଜେନା, ସୁନୀଲ ଦତ୍ତ, ଅଧ୍ୟାପକ ପ୍ରମୋଥ ଦାସ ଅଧିକାରୀ, ନଳିନୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଡହ ଡହ ଖରାରେ ରାସ୍ତାରୋକୋ କଲେ ଗ୍ରାମବାସୀ

**ବାଲିଆପାଳ, ୨୭।୪(ଗୋପାଳ ଚନ୍ଦ୍ର ସାହୁ)**

## ସୁଧୁରୁନି ପାଣି ସମସ୍ୟା

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଟାକଟା ପଞ୍ଚାୟତର ନଟାକଟା, ବଡ଼ ଚାରିଗାଁ ଶ୍ୟାମସୁନ୍ଦରପୁର ଗ୍ରାମରେ ୪ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ପିଇବା ପାଣି ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ଗ୍ରାମବାସୀ ନେତା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଲୋକେ ଟୋପାଏ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଶନିବାର ଏହି ଡହଡହ ଖରାରେ ଏହି ତିନୋଟି ଗ୍ରାମର ଶତାଧିକ ଲୋକେ ଅମର୍ଦ୍ଦାରୋଡ୍ ବାଲିପାଦା ରାସ୍ତାର ଫାଣ୍ଡି ବଜାରଠାରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ନଟାକଟା ସରପଞ୍ଚ ପହଞ୍ଚି ପାଣିର ବ୍ୟବସ୍ଥା କରିବା ସହିତ ଅଚଳ ହୋଇପଡ଼ିଥିବା ନଳକୂପ ମରାମତି ଆରମ୍ଭ କରିବା ପରେ ରାସ୍ତାରୋକୋ ହଟିଥିଲା। ଏହି ଗ୍ରାମରେ ପିଇବା ପାଣି ଲାଗି ସ୍ଥାୟୀ ସମାଧାନ ନ କରି କେବଳ ଅନ୍ଦୋଳନ ହେଲେ ବିଭାଗୀୟ ଅଧିକାରୀ ଅସ୍ଥାୟୀ କାର୍ଯ୍ୟ କରି ଚୁପ୍ ବସୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପାଣି ସମସ୍ୟା ନେଇ ଗତ ୨୦୨୧ ମସିହାରେ ଏହି ଗ୍ରାମର ଶହେରୁ ଊର୍ଦ୍ଧ୍ୱ ପରିବାର ଗେଟ ବଜାର ନିକଟରେ ଅମର୍ଦ୍ଦାରୋଡ୍ ବାରିପଦା ରାସ୍ତା ଅବରୋଧ କରିଥିଲେ। ଖୁବଶୀଘ୍ର ପାଣି ବ୍ୟବସ୍ଥା ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଏ ପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।


ପାଣି ପାଇଁ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଅଳାଡ଼ିହା, ଜାମକୁଣ୍ଡାରେ ବିଜେଡିର ମହିଳା ସମାବେଶ


ବସ୍ତା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ସାହୁ ପ୍ରଚାର କରୁଛନ୍ତି।

**ବାଲିଆପାଳ, ୨୭।୪(ଗୋପାଳ ଚନ୍ଦ୍ର ସାହୁ)**

ବାଲିଆପାଳ ବ୍ଲକ ଅଳାଡ଼ିହା ଏବଂ ଜାମକୁଣ୍ଡା ପଞ୍ଚାୟତ କୁହ୍ଲାଚଢ଼ ଗ୍ରାମରେ ବିଜେଡି ପକ୍ଷରୁ ଶୁକ୍ରବାର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ସଭାପତି କସ୍ତୁରୀବାଳା ପାତ୍ରଙ୍କ ସଭାପତିତ୍ୱରେ ଉଭୟ ପଞ୍ଚାୟତରେ ଆୟୋଜିତ ମହିଳା ସମାବେଶରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ମହିଳାମାନଙ୍କ ଉନ୍ନତି ଓ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କୁ ସଂକଳ୍ପ କରାଇବା ସହ ବାଲିଆପାଳର ଝିଅ ତଥା ବସ୍ତାର ବୋହୂ ହୋଇଥିବାରୁ ବିଧାୟିକା ପ୍ରାର୍ଥିନୀ ଭାବେ ସୁବାସିନୀ ଜେନାଙ୍କୁ ଏବଂ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିଜୟୀ କରାଇବାକୁ ସମସ୍ତଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳାଡ଼ିହା ପଞ୍ଚାୟତର ନିର୍ବାଚନ ପରିଚାଳନା ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ଅଳାଡ଼ିହା ପଞ୍ଚାୟତ ପୂର୍ବତନ ସରପଞ୍ଚ କମଳଲୋଚନ କର, ପଞ୍ଚାୟତର ମହିଳା ସଭାପତି ଶାନ୍ତିଲତା ଜେନା, ପଞ୍ଚାୟତ ଯୁବ ସଭାପତି ଜୟାନନ୍ଦ କୁହ୍ଲାରୀ, ନୂଆଗାଁ ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଯୁବନେତା ସନ୍ତୋଷ ମାହାଳିକ, ୱାର୍ଡ଼ ସଦସ୍ୟ ସୁବାସ ଦେହୁରୀ, ଯତିନ୍ଦ୍ର ଜେନା, ରବୀନ୍ଦ୍ର ପଡ଼ିଆରୀ, ୱାର୍ଡ଼ ସଦସ୍ୟା ସବିତା ଦାସ, ଭାରତୀ ପାତ୍ର, ସୁଭଦ୍ରା ଦଳାଇ ପ୍ରମୁଖ ନେତୃବୃନ୍ଦ ଏବଂ ସେହିପରି ଜାମକୁଣ୍ଡା ପଞ୍ଚାୟତରେ ପଞ୍ଚାୟତ ସଭାପତି ବସନ୍ତ କୁମାର ମହାନ୍ତି, ୨୩ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ପୂର୍ବତନ ସମିତିସଭ୍ୟ ସୁଧାଂଶୁ ବାରିକ, ପୂର୍ବତନ ସରପଞ୍ଚ ବ୍ରଜ କିଶୋର ବିଶ୍ୱାଳ, ଜିଲା ଯୁବ ସମ୍ପାଦକା ଜୟକୃଷ୍ଣ ନାୟକ, ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଓ ଅଞ୍ଚଳର ଶହ ଶହ ମା' ଭଉଣୀ ଉପସ୍ଥିତ ଥିଲେ।

# ଭାଷା,ସାହିତ୍ୟର ପ୍ରାଧ୍ୟାପକ ହେବା ଦେବେନ୍ଦ୍ରଙ୍କ ଲକ୍ଷ୍ୟ

**ରୂପସା, ୨୭।୪(ବାଞ୍ଛାନିଧି ଦେ)**


ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଦେବେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଛାତ୍ର ଜୀବନରୁ ସେ ଅନେକ ପ୍ରତିଭା ଅର୍ଜନ କରି ନିଜ ଜିଲା ପାଇଁ ସୁନାମ ଅର୍ଜିଛନ୍ତି। ସମାଜସେବା, କବିତା ଲେଖା ଓ ଜଣେ ସୁବକ୍ତା ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେହି ଯୁବପ୍ରତିଭା ହେଉଛନ୍ତି ଦେବେନ୍ଦ୍ର ଆଚାର୍ଯ୍ୟ। ଘର ରୂପସା ଏଫ୍‌ସିଆଇ ନିକଟ ଭଗବାନପୁର ଗ୍ରାମରେ। ପୂଜକ ଚକ୍ରଧର ଆଚାର୍ଯ୍ୟ ଓ ମାତା ଗୀତାଞ୍ଜଳି ଆଚାର୍ଯ୍ୟଙ୍କର ପୁଅ।

ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ଯୁକ୍ତ ୨ ଏବଂ ଯୁକ୍ତ ୩ ଅଧ୍ୟୟନ କରୁଥିବା ବେଳେ ନିଜର ପ୍ରତିଭା ପାଇଁ ସେ ଅନେକ ପୁରସ୍କାର ଅର୍ଜନ କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ସହ ଜାତୀୟସ୍ତରୀୟ ଓ ରାଜ୍ୟସ୍ତରୀୟ ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ସଫଳତା ହାସଲ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ବାଲେଶ୍ୱର ଜିଲାର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଥିଲେ। ଏଥିସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାରୁ ତୁଳସୀ ଯତ୍ନ ସମ୍ମାନ, ରାଜୀବ ଗାନ୍ଧୀ ସମ୍ମାନ ତରୁଣ କବି ସମ୍ମାନରେ ସମ୍ମାନିତ ହୋଇ ନିଜର ବହୁମୁଖୀ ପ୍ରତିଭାର ପରିଚୟ ଦେଇଛନ୍ତି। ଜାତୀୟସ୍ତରରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ନଦିଆରେ ଆୟୋଜିତ ପୂର୍ବଜୋନ୍ ଗଣତନ୍ତ୍ର ଦିବସ ପରେଡ୍ ଶିବିରରେ ପ୍ରତିଭା ପ୍ରଦର୍ଶନ କରି ସେ ସମ୍ମାନିତ ହୋଇଥିଲେ। ସୋଆ ବିଶ୍ୱବିଦ୍ୟାଳୟ, ବରହମ୍ପୁର ବିଶ୍ୱବିଦ୍ୟାଳୟରୁ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଗତ ଫେବୃୟାରୀ ୩ରୁ ୫ତାରିଖ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ–୨୦୨୪ରେ ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ ଓ ଓଡ଼ିଆ ଅନୁବାଦ ସାହିତ୍ୟ ଉପରେ ଉଚ୍ଚକୋଟୀର ବକ୍ତବ୍ୟ ଦେଇଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଞ୍ଚରେ ବିଶିଷ୍ଟ ଛାତ୍ରବକ୍ତା ଭାବେ ମଞ୍ଚାସୀନ ହେବାର ସୌଭାଗ୍ୟ ଅର୍ଜନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ। ଭାଷା ସାହିତ୍ୟର ପ୍ରାଧ୍ୟାପକ ହେବା ଲକ୍ଷ୍ୟ ବୋଲି ଦେବେନ୍ଦ୍ର କହିଛନ୍ତି।

